

ଆମେରିକାକୁ ତେଲ ଚିନ୍ତା

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।


ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776

Vol. 33 | ISSUE 286 | ଭାଗ ୩୩ | ସଂଖ୍ୟା ୨୮୬ | Thursday 8 January 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୮ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

୩୦ ଜିଲ୍ଲାରେ ୧୧୮ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର

ସବୁ ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ୨୦୩୬ ସୁଦ୍ଧା ଓଡ଼ିଶା ହେବ ସମୃଦ୍ଧ ଓଡ଼ିଶା ଏବଂ ଏହି ପରିକଳ୍ପନାରେ ଆଜି ଶୁଭାରମ୍ଭ ହୋଇଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବ, କାରଣ ଆଜିର ବିଦ୍ୟାର୍ଥୀ ଆସନ୍ତାକାଲିର ନାଗରିକ ଓ ରାଷ୍ଟ୍ର ନିର୍ମାତା। ବିଦ୍ୟାର୍ଥୀମାନଙ୍କ ପାଠପଢ଼ାର ମୂଳଦୁଆକୁ ସଶକ୍ତ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ଏବଂ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଏହା ଏକ ମାଇଲଖୁଣ୍ଟ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁରଠାରେ ରାଜ୍ୟସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୩୦ଟି ଜିଲ୍ଲାପାଇଁ ୧୧୮ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମତ ବ୍ୟକ୍ତ କରିଛନ୍ତି।

- ୨୨୦୦ ଆଦର୍ଶ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ୧୨ ହଜାର କୋଟି
- ବିକଶିତ ଓଡ଼ିଶା, ବିକଶିତ ଭାରତ ପାଇଁ ମାଇଲଖୁଣ୍ଟ: ମୁଖ୍ୟମନ୍ତ୍ରୀ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚରେ ଆସନ୍ତା ୪ ବର୍ଷରେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ୨୨ ଶହ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଣପୁର ମାଟିର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରରେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଲେଖକ ଓ ଶିକ୍ଷାବିତ୍ ଥିଲେ। ତାଙ୍କ ନାମରେ ନାମିତ ଏହି ଆଦର୍ଶ ବିଦ୍ୟାଳୟ ଯୋଜନା ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର କାୟାକଳ୍ପ କରିବାରେ ସଫଳ ହେବ। ଏହି ଯୋଜନାରେ ପିଲାମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ମିଳିବା ସହ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ହେବ। ଏଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିବା ପାଇଁ ସେ ବହୁ ବର୍ଷ ଆଗରୁ ଉଦ୍ୟମ କରିଥିଲେ। ଏବେ ବିଜେପି କ୍ଷମତାକୁ ଆସିବା ପରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଏହି ଯୋଜନାକୁ ପ୍ରାଥମିକତା ଦିଆଯାଇଛି। ଚଳିତ ବର୍ଷ ପୃଷ୍ଠା-୬

ଏପ୍ରିଲରୁ ଆରମ୍ଭ ହେବ ଜନଗଣନା

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଆସନ୍ତା ଏପ୍ରିଲରୁ ଓଡ଼ିଶାରେ ଆରମ୍ଭ ହେବ ଜନଗଣନାର ପ୍ରଥମ ପର୍ଯ୍ୟାୟ। ଏଥିସହ ଆସନ୍ତା ବର୍ଷ ଫେବ୍ରୁଆରୀ ମାସରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ହେବ। ମିଳିଥିବା ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଘର ଓ ଆସବାବପତ୍ର ଗଣନା ହେବ। ଆଉ ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା। ଏଥିପାଇଁ ନିଯୁକ୍ତ ହେବେ ଲକ୍ଷାଧିକ ଜନଗଣନା ଅଧିକାରୀ। ଏହା ପୂର୍ବରୁ ଆଜି ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର। ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ବସିଥିବା ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକରେ ଜନଗଣନା ପୃଷ୍ଠା-୬

- ୨୦୨୬ ଫେବ୍ରୁଆରୀରୁ ଦ୍ୱିତୀୟ ପର୍ଯ୍ୟାୟ



ଟ୍ରମ୍ପ୍ 'ଟାରିଫ୍' ପ୍ରଭାବଶୂନ୍ୟ

୭.୪ ପ୍ରତିଶତ ରହିବ ଭାରତର ଜିଡିପି

ନୂଆଦିଲ୍ଲୀ,୭।୧: ଗତବର୍ଷ ଅକ୍ଟିମ ଭାଗରେ ଦୁଇଗୁଣା ଟାରିଫ୍ ଲଗାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତର ଦ୍ରୁତ ଅଭିବୃଦ୍ଧିକୁ ରୋକିବା ସକାଶେ ଉଦ୍ୟମ କରିଥିଲେ। ଭାରତ ରୁଷିଆଠାରୁ ତୈଳ ଆମଦାନି କରୁଥିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ଟ୍ରମ୍ପ୍ ଏପରି ଚାପ ସୃଷ୍ଟି ସକାଶେ ଉଦ୍ୟମ କରିଥିଲେ। କିନ୍ତୁ ବିଶ୍ୱର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିସମ୍ପନ୍ନ ଦେଶ ଭାରତ ଉପରେ ଏହାର କାଣିଚାଏ ପ୍ରଭାବ ବି ପଡ଼ିବାର ଦେଖାଯାଉନାହିଁ। କାରଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର (ଜିଡିପି) ୭.୪ ପ୍ରତିଶତ ରହିବ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଏମ୍ଓଏସ୍ପିଆଇ) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ଏହା ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତିର ଦୃଢ଼ତାକୁ ସ୍ପଷ୍ଟ କରିଛି। ଏପରିକି ଏହି ଅଭିବୃଦ୍ଧି ପୂର୍ବାନୁମାନ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୭.୩ ପ୍ରତିଶତ ଆକଳନଠାରୁ ବି ଅଧିକ ଓ ପୂର୍ବ ବର୍ଷର (୨୦୨୪-୨୫) ୭.୫ ପ୍ରତିଶତ ଅଭିବୃଦ୍ଧିକୁ ମଧ୍ୟ ପଛରେ ପକାଇ ଦେଇଛି। ଏହି ତଥ୍ୟ ଆସନ୍ତା ଫେବ୍ରୁଆରୀ ୧ ତାରିଖରେ ଉପସ୍ଥାପିତ ହେବାକୁ ଥିବା କେନ୍ଦ୍ରୀୟ ବଜେଟ୍‌ର ଆଧାର ହେବ। ସେହିପରି ଆର୍ଥିକ ବର୍ଷ ୨୦୨୫-୨୬ରେ ଜିଭିଏ (ଗ୍ରସ୍ ଭାଲ୍ୟୁ ଆଡେଡ୍) ୭.୩ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଦେଶର ପୃଷ୍ଠା-୬



କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

ବୈକଳ୍ପିକ ଏନ୍‌ଏଚ୍ ନିର୍ମାଣ ପ୍ରସ୍ତାବ ଦେଲେ

ନୂଆଦିଲ୍ଲୀ,୭।୧: ଓଡ଼ିଶାର ଶିଳ୍ପ ସମୃଦ୍ଧ ଦୁଇ ପ୍ରମୁଖ ସହର ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟରେ ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ବୈକଳ୍ପିକ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟିବା ଅବସରରେ ପ୍ରସ୍ତାବ ଦେଇଛନ୍ତି। ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲା ଓଡ଼ିଶା ଅର୍ଥନୀତିର ପେଣ୍ଠସ୍ଥଳ ହୋଇଥିବା ବେଳେ କେନ୍ଦ୍ର ମନ୍ତ୍ରୀଙ୍କ ପ୍ରସ୍ତାବିତ ନୂତନ ଜାତୀୟ ରାଜପଥ ବାସ୍ତବ ରୂପ ନେଲେ ଏହି ଅଞ୍ଚଳରେ ଶିଳ୍ପାୟନର ଗତି ତ୍ୱରାନ୍ୱିତ ହେବ, ପୃଷ୍ଠା-୬

- ଶିଳ୍ପ ଓ ଆଞ୍ଚଳିକ ବିକାଶ କ୍ଷେତ୍ରରେ ମାଇଲଖୁଣ୍ଟ ଆଶା



ଭୋଜି ଅଧାରୁ ଫୁଟିଗଲା

ନଦୀ ପଠାରେ ଚାଲିଥିଲା ମଉଜ। ପ୍ରତିଷ୍ଠିତ ପରିବା ବ୍ୟବସାୟୀଙ୍କ ଆତିଥେୟତାରେ ପୂରା ଭାବବିହ୍ୱଳ ଭୁବନେଶ୍ୱର ପୁଲିସ। ଡିଜେ ସାଙ୍ଗକୁ ଜଙ୍ଗଲୀ ପାଟେଣି ଖାସି ଝୋଳ। ତେବେ ବୁଧବାର ଶୀତୁଆ ରାତିର ଏ ଖୁସିକୁ ଦୁଃଖରେ ପରିଣତ କରିଛି ବୋମାମାଡ଼। ଆମେ କହୁଛୁ ବଡ଼ଗଡ଼ ଥାନା ଅନ୍ତର୍ଗତ ବାଙ୍କୁଆଳ ନଦୀପଠାରେ ଚାଲିଥିବା ଭୋଜି କଥା। ଯେଉଁ ଭୋଜିର ଆୟୋଜନ କରିଥିଲେ ଜଣେ ପରିବା ବ୍ୟବସାୟୀ। ଉକ୍ତ ଭୋଜିରେ ଛୋଟରୁ ବଡ଼ ବାବୁ ପର୍ଯ୍ୟନ୍ତ ସବୁ ଖାକି ବାବୁଙ୍କ ଭିଡ଼ ହୋଇଥିବା ବେଳେ ହଠାତ ରାତି ୮ରେ ଫୁଟିଯାଇଥିଲା ବୋମା। ତାହା ପୁଣି ସେହି ବଡଗଡ଼ ଥାନା ଅଧୀନସ୍ଥ ପୁରୁଣା ବିଏମସି ଅଫିସ ନିକଟରେ। କିଛି ଅଫିସର ମଟନ ଝୋଳ ହାପୁଡୁଥିବା ବେଳେ ଆସିଥିଲା ଖବର। ଆଉ ଇଚ୍ଛା ନଥିଲେ ବି ଭୋଜି ଛାଡ଼ି ସ୍ପଟ୍‌କୁ ଦୌଡିଥିଲେ ଏକାଧିକ ଥାନାଧିକାରୀ ଓ ଏସିପି। ଖବର ମୁତାବକ, ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ ଓ ପରେ ବୋମା ଫୁଟିଥିବା ଜଣାପଡ଼ିଛି। ଅବଶ୍ୟ କେହି ବୋମା ନେଉଥିବା ବେଳେ ତାହା ଫୁଟିଛି କି କେହି ଦୁର୍ବୃତ୍ତ ବୋମାମାଡ଼ କରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏଥିରେ ଦୁଇ ଜଣ ଯୁବକ ଗୁରୁତର ଭାବେ ଆହତ ହେବା ପରେ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଛି। ସେପଟେ ଏହି ଗୋଟିଏ ଭୋଜି ନୁହେଁ, ନମନ ପ୍ରୋଗ୍ରାମର ସଫଳତା ପରେ ଆଜି ରିଜର୍ଭ ଗ୍ରାଉଣ୍ଡରେ ମଧ୍ୟ କମିଶନରେଟ ପୁଲିସ ପକ୍ଷରୁ ଭୋଜି ଚାଲିଥିଲା। ଉକ୍ତ ଭୋଜିର ମଜା ବି ଖଞ୍ଜଗିରି ଜୟଦେବ ବାଟିକା ସମ୍ମୁଖରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଞ୍ଜଗୋଳ ଓ ଛୁରାମାଡ଼ ଯୋଗୁଁ ଫିକା ହୋଇଯାଇଛି। କିଛି ଅଫିସରଙ୍କ କହିବା ମୁତାବକ, ମାଂସ ଭୋଜିରେ ବୋଧହୁଏ କାହାର ନଜର ଲାଗିଗଲା! ସେଥିପାଇଁ ଭୋଜିରେ ଷ୍ଟାର୍ଟର ଖାଇହେଲା ସିନା, ହେଲେ ମେନ କୋର୍ସ ମିଳିଲାନି।

- ଫିକା ପଡ଼ିଲା ପାଟେଣି ଖାସି ଭୋଜି
- ଷ୍ଟାର୍ଟର ମିଳିଲା, ମେନ କୋର୍ସ ରହିଲା

ବିଜେଡି କଳି: ସମାଧାନ ଚାହୁଁନାହାନ୍ତି ସଭାପତି

- ଅସନ୍ତୁଷ୍ଟଙ୍କ ସହ କାହିଁକି ହେଉନି ଆଲୋଚନା ?
- ହାତଗଣତିଙ୍କ ମାମଲତିରେ ଚାଲିବନି ଦଳ
- ଦଳରେ ସ୍ୱଚ୍ଛତା ରଖିବାକୁ ସଭାପତିଙ୍କୁ ଅପିଲ୍



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ବିଜେଡିରେ ସ୍ୱଚ୍ଛତା ରଖୁନାହାଁନ୍ତି ଖୋଦ୍ ଦଳର ସଭାପତି ନବୀନ ପଟ୍ଟନାୟକ। ଅସନ୍ତୋଷ ଥିବା ନେତାଙ୍କୁ ଡାକି ଆଲୋଚନା କରୁନାହାନ୍ତି। ମେଳି ବାନ୍ଧିଥିବା ଯୁବନେତାଙ୍କୁ ଡାକି ସେମାନଙ୍କ ସହ ଆଲୋଚନା ମଧ୍ୟ କରୁନାହାଁନ୍ତି। କାହିଁକି ଦଳରେ ମେଳି ହେଉଛି ସେ ସମ୍ପର୍କରେ ସଭାପତି କଥା ହେଉନାହାଁନ୍ତି। କେବଳ ମେଳି ବାନ୍ଧୁଥିବା ନେତା ନୁହଁନ୍ତି, ବଦ୍ରି ପାତ୍ରଙ୍କ ବିଷୋଦଗାରଠୁ ସନା ମହାକୁଡ଼ଙ୍କ ଗେରୁଆ ପୋଷ୍ଟର ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ପାଇଁ ସଭାପତି କାହିଁକି ଆଗ୍ରହ ପ୍ରକାଶ କରୁନାହାଁନ୍ତି ? ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପୂର୍ବତନ ସାଂସଦ ଭୂପିନ୍ଦର ସିଂ।

ସଭାପତି ବ୍ୟକ୍ତିଗତ ଭାବେ ଡାକି ତାଙ୍କ ସହ କଥା ହେବା ଉଚିତ। ଜଣେ ଦୁଇ ଜଣ ଦଳକୁ ଚଲାଉନାହାନ୍ତି। ନବୀନ ବାବୁ ଥିବା ପର୍ଯ୍ୟନ୍ତ ଦଳ ଚାଲିବ। ସରକାରରେ ଥିବା ବେଳେ ଜଣେ ଦୁଇ ଜଣ ରାଜ୍ୟ ପୃଷ୍ଠା-୬

ହିଂସାପଥ ଛାଡ଼ିଲେ ୨୬ ମାଓବାଦୀ

ମାଲକାନଗିରି, ୭।୧ (ସଂଚାର ବ୍ୟୁରୋ): ମାଲକାନଗିରି ଛତିଶଗଡ଼ ସୀମାବର୍ତ୍ତୀ ସୁକମାରେ ଆଜି ପୁଣିଥରେ ଲାଲ୍ ବାହିନୀକୁ ଜବରଦସ୍ତ ଝଟ୍‌କା ଲାଗିଛି। କାରଣ ୨୬ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ମୁଣ୍ଡରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ସୁକମା ପୁଲିସ ଅଧୀକ୍ଷକ କିରଣ ଚୌହାନ ଏନେଇ କହିଛନ୍ତି ଯେ ରାଜ୍ୟର 'ପୁନା ମାର୍ଗମ' ପଦକ୍ଷେପରେ ୭ ମହିଳାଙ୍କ ପୃଷ୍ଠା-୬

- ୧୩ ଜଣଙ୍କ ମୁଣ୍ଡରେ ଥିଲା ୬୫ ଲକ୍ଷ



କାନ ଡେରିଥା

ଆନ୍ଧ୍ର ଦଲାଲ ସେଟିଙ୍ଗରେ ଅଛି
ଧାନକୁ କିଣିବା ପାଇଁ
ସରକାର ଏଠି ସବୁ ଜାଣିଶୁଣି
ସମୟ ଦେଲେ ବଢ଼ାଇ
କଷ୍ଟ ଧନ ଆଉ ନାହିଁ...
ବିଲଧାନ ଚାଷୀ ମାଗଣାରେ ଦେଇ
ଭାଗ୍ୟକୁ ଖାଲି ନିନ୍ଦଇ ।

■ ଦେବାଶିଷ

ଦିଲ୍ଲୀପ ରାୟ ହେବେ ଚତୁର୍ଥ ପ୍ରାର୍ଥୀ!

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଆସନ୍ତା ଏପ୍ରିଲ୍‌ରେ ଖାଲି ହେଉଥିବା ୪ଟି ରାଜ୍ୟସଭା ଆସନରୁ କିଏ ପ୍ରାର୍ଥୀ ହେବ, ତାକୁ ନେଇ ଆକଳନ ଆରମ୍ଭ ହୋଇଯାଇଛି। ତେବେ ୩ଟି ଆସନରେ ପ୍ରାର୍ଥୀ ବୃତ୍ତାନ୍ତ ହେବା ଏକରକମ ସ୍ଥିର ହୋଇଥିବା ବେଳେ ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ କେଉଁ ଦୁଇ ଦଳ ମଧ୍ୟରେ ସହମତି ହେବ, ତା' ଉପରେ ସମସ୍ତଙ୍କ ନଜର ରହିଛି। ତେବେ ବର୍ତ୍ତମାନ ସମୟରେ ଏହି ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ ବିଜେଡିର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟଙ୍କ ନାମ ଚର୍ଚ୍ଚା ପରିସରକୁ ଆସିଛି। ଚତୁର୍ଥ ଆସନ ପାଇଁ ଦୁଇଟି ଦଳ ମଧ୍ୟରେ ସେ ଅଧିକ ଗ୍ରହଣୀୟ ହେବ ବୋଲି ଆଲୋଚନା ଜୋର୍ ଧରିଛି।



ଆସନ୍ତା ଏପ୍ରିଲରେ ନିରଞ୍ଜନ ବିଶି, ମୁନ୍ନା ଖାଁ, ସୁଜିତ କୁମାର ଓ ମମତା ମହନ୍ତଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଖାଲି ହେଉଥିବା ଏହି ୪ଟି ଆସନ ମଧ୍ୟରୁ ଦୁଇଟି ବିଜେଡି ଓ ଦୁଇଟି ବିଜେପି ହାତରେ। ଅବଶ୍ୟ ପୂର୍ବରୁ ସୁଜିତ କୁମାର ଓ ମମତା ମହନ୍ତ ବିଜେଡି ପ୍ରାର୍ଥୀ ଭାବେ ଜିତିଥିଲେ। କିନ୍ତୁ ଗତ ସାଧାରଣ ନିର୍ବାଚନ ପରେ ଏହି ଦୁଇ ସାଂସଦ ଇସ୍ତଫା ଦେଇ ପୁଣି ଥରେ ଉପନିର୍ବାଚନରେ ନିର୍ବାଚିତ ହୋଇଥିଲେ। କିନ୍ତୁ ବର୍ତ୍ତମାନର ସଂଖ୍ୟା ଗଣିତ କହୁଛି, ୪ଟି ମଧ୍ୟରୁ ବିଜେପି ଦୁଇଟି ଓ ବିଜେଡିର ଗୋଟିଏ ଆସନ ସୁରକ୍ଷିତ ରହିଛି। କିନ୍ତୁ ଚତୁର୍ଥ ଆସନ ପାଇଁ ବିଜେପିକୁ ବିଜେଡି ସହଯୋଗ କରିପାରେ ବୋଲି ଆକଳନ କରାଯାଉଛି। ଏହି ଚତୁର୍ଥ ପ୍ରାର୍ଥୀ ଜଣଙ୍କ ଯଦି ଦିଲ୍ଲୀପ ରାୟ ହୁଅନ୍ତି, ତା'ହେଲେ ତାଙ୍କୁ ବିଜେଡି ମଧ୍ୟ ସମର୍ଥନ କରିବ। କାରଣ ସେ ନବୀନ ପଟ୍ଟନାୟକଙ୍କର ଯେତିକି ଘନିଷ୍ଠ, ବିଜେପିରେ ବି ତାଙ୍କର ସେତିକି ଗ୍ରହଣୀୟତା ରହିଛି। ପୂର୍ବରୁ ଦିଲୀପ ସାଂସଦ ସହ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ତୁଲାଇସାରିଛନ୍ତି। ଏମିତି ବି ସେ ଓଡ଼ିଶାର ଜଣେ ଜଣାଶୁଣା ଶିଳ୍ପପତି। ତେଣୁ ସେ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆକଳନ କରାଯାଉଛି।

ସରକାରଙ୍କୁ କଷ୍ଟ ଦେବାର ସାହସ କରୁଛନ୍ତି ମିଲର

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ରାଜ୍ୟର ବିଜେପି ସରକାର ଚାଷୀଙ୍କୁ ଅଧିକ ଦି' ପଇସା ଦେବା ପାଇଁ ଧାନର ମୂଲ୍ୟ ବୃଦ୍ଧି ସହ ଧାନ କିଭଳି ସୁରୁଖୁରୁରେ ବିକ୍ରି ହେବ, ସେ ଦିଗରେ ପଦକ୍ଷେପ ନେଉଥିବା ବେଳେ ଏଥିରେ ଏବେ ରାଜ୍ୟର ମିଲରମାନେ

- ଚାଷୀ କଲ୍ୟାଣ କାର୍ଯ୍ୟକ୍ରମରେ ବାଧକ
- ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଉଛନ୍ତି

ବାଧକ ସାଜିଛନ୍ତି। ଏକଜୁଟ ହୋଇ ଧାନ ଉଠାଣ ବନ୍ଦ କରିବା ସହ ସରକାରଙ୍କୁ ନାଲିଆଖି ଦେଖାଇ ୧୫ଦିନିଆ କଣ୍ଟ ବି ଦେଉଛନ୍ତି। ତେବେ ମିଲରମାନେ ଏଭଳି ସାହସ କେଉଁଠୁ ପାଇଲେ, ତାହାକୁ ନେଇ ଏବେ ଆଲୋଚନା ଜୋର ଧରିଛି।

ଆଜିଠୁ ସ୍ୱାଭାବିକ ହେବ ମଣ୍ଡି

ପ୍ରତିଶ୍ରୁତି ପରେ ଓହରିଲା ମିଲର୍ ସଂଘ



ଗତ କିଛି ଦିନ ହେଲା ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଗୁରୁତର ଭାବେ ବ୍ୟାହତ ହୋଇଥିଲା। କାରଣ ୪ ଦଫା ଦାବି ନେଇ ମିଲର୍ ସଂଘ ପକ୍ଷରୁ ଆନ୍ଦୋଳନ ଚାଲିଥିଲା। ଏହାକୁ ନେଇ ବିଭାଗୀୟ ମନ୍ତ୍ରୀ ଗତକାଲି କଡ଼ା ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ ଆଜି ସରକାର ସେମାନଙ୍କର ଗୋଟିଏ ଦାବି ପୂରଣ କରିବା ସକାଶେ ରାଜି ହେବାରୁ ଆସନ୍ତାକାଲିଠାରୁ ବିଭିନ୍ନ ମଣ୍ଡିରେ ସ୍ୱାଭାବିକ ଧାନ ବିକ୍ରି ପ୍ରକ୍ରିୟା ଚାଲିବ। ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମିଲର୍‌ମାନେ ଧାନ ସଂଗ୍ରହ କରିବେ। ଏଥିସହ ୧୫ ଦିନ ଭିତରେ ଯଦି ପୃଷ୍ଠା-୬

ତେବେ ମିଲରମାନେ ବାକିଆ ପଇସା ପଇଠ ପାଇଁ ସରକାରଙ୍କ ଉପରେ ଚାପ ପକାଇବା ସହ ଧାନ ପେସା ପୃଷ୍ଠା-୬

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING

- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS

- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025

- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026

- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ବିଧାୟକ ଦୁର୍ଗାପ୍ରସନ୍ନଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

● ବିଭିନ୍ନ ପ୍ରକଳ୍ପର କଲେ ସମୀକ୍ଷା



କେନ୍ଦ୍ରାପଡ଼ା,୭।୧(ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ମହାକାଳପଡ଼ା ବିଧାୟକ ଡ଼.ଦୁର୍ଗା ପ୍ରସନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ସହିତ ନିର୍ବାଚନ ମଣ୍ଡଳୀର ଉନ୍ନତି ନିମନ୍ତେ ବିଭିନ୍ନ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡିଏଫଓ ରାଜନଗର ଭରତରାଜ ଗାଉଁକର,ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ତହସିଲଦାର ମହାକାଳପଡ଼ା ରବି ନାରାୟଣ ଆଚାର୍ଯ୍ୟ,ଜିଲ୍ଲା ପର୍ଯ୍ୟଟନ ଓ ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ନାୟକ ଜମି ଅଧିଗ୍ରହଣ ସ୍ଥିତି ସମୀକ୍ଷା କରିବା ସହିତ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ । ସରିନଥିବା କାର୍ଯ୍ୟକୁ ସମୟସୀମା ମଧ୍ୟରେ ସାରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ବିଧାୟକ ଶ୍ରୀ ନାୟକ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ନିମନ୍ତେ ବହୁତ ସୁଯୋଗ ରହିଛି, ତେଣୁ ଏହି କ୍ଷେତ୍ରରେ ଯଦି କାର୍ଯ୍ୟ କରିବା ତେବେ ନିଶ୍ଚିତ ଭାବେ ଜିଲ୍ଲାପାଇଁ ସୁଫଳ ହେବ ବୋଲି କହିଛନ୍ତି । ଏତତ ବ୍ୟତୀତ ବିଧାୟକ ଜିଲ୍ଲାର ବିକାଶ ନିମନ୍ତେ ବହୁତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

● ମହିଳା ବିଡିଓଙ୍କୁ ଆକ୍ରମଣ ଘଟଣା

ଆନ୍ଦୋଳନକାରୀଙ୍କ ସହ ସାମିଲ ହେଲେ ବିଧାୟକ



ରାଜନଗର,୭।୧(ସଂଚାର ବ୍ୟୁରୋ): ରାଜନଗର ବ୍ଲକର ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟଳୟରେ ସଙ୍ଘବଦ୍ଧ ଭାବେ ଘେରିବା ଓ ଲାପଟପ ଉଠାଇ ମାରିବାକୁ ବିଜେପି ନେତାଙ୍କ ଉଦ୍ୟମ ଘଟଣା ସବୁ ମହଲରେ ଉଦବେଗ ସୃଷ୍ଟି କରିଛି। ଘଟଣାକୁ ୬ ଦିନ ବିତି ଯାଇଥିଲେ ବି ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପରିନି। ୫ ଦିନ ହେଲା ବ୍ଲକ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଅନ୍ୟ ପକ୍ଷରେ ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଜୋସ ବଢାଇଛନ୍ତି। ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଆନ୍ଦୋଳନଙ୍କୁ ଜୋର୍ଦାର କରିବା ପାଇଁ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଆଜି ସନ୍ଧ୍ୟାରେ ବିଜେଡ଼ିର ପ୍ରତିନିଧି ଦଳ କେନ୍ଦ୍ରପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସପି ସିଦ୍ଧାର୍ଥ କଟାରିଆଙ୍କ ସହ ଆଲୋଚନା କରିଛନ୍ତି। ଏସପି ଓ ଜିଲ୍ଲାପାଳ ଏନେଇ ନିଶ୍ଚିନ୍ତ କାର୍ଯ୍ୟନୁଷ୍ଠାନ ନେବେ ବୋଲି ପତିଶ୍ରୁତି ଦେଇଥିଲେ। ବିଜେଡି ପ୍ରତିନିଧି ଦଳ ପକ୍ଷରୁ ୭ ଦିନର ସମୟ ପ୍ରଶାସନକୁ ଦିଆଯାଇଛି। ଏହି ସମୟ ମଧ୍ୟରେ ଅଭିଯୁକ୍ତ ମାନଙ୍କୁ ଗିରଫ କରାନଗଲେ ୧୬ ତାରିଖରେ ବିଜେଡ଼ି ପକ୍ଷରୁ ଏସପିଙ୍କ କାର୍ଯ୍ୟଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ବକେୟା ମଜୁରି ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ



ମହାକାଳପଡ଼ା,୭।୧(ସଂଚାର ବ୍ୟୁରୋ): ବକେୟା ମଜୁରୀ ଟଙ୍କା ମାଗିବାରୁ ଜଣେ ବ୍ୟକ୍ତିଙ୍କୁ ଦୁଇଜଣ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ମହାକାଳପଡ଼ା ଥାନା ଅନ୍ତର୍ଗତ ମାଳିଅଞ୍ଚ ଗ୍ରାମର ସୁବାଷ ପରିଡ଼ା (୪୩) ମଙ୍ଗଳବାର ରାତି ପ୍ରାୟ ୯.୩୦ ସମୟରେ ସେହି ଗ୍ରାମର ହୃଷୀକେଶ ପରିଡାଙ୍କ ପୁଅ ଦୀପକ ପରିଡା(୪୨)ଙ୍କ ଘରକୁ ତାଙ୍କ ପ୍ରାପ୍ୟ ମଜୁରୀ ଫେରସ୍ତ ଦାବି କରିବାକୁ ଯାଇଥିଲେ। ମଜୁରୀ ଟଙ୍କା ଦାବି କରିବାରୁ ଦୀପକ ପରିଡା, ନାରାୟଣ ପରିଡା ଏବଂ ଅକ୍ଷୟ ପରିଡା ମିଳିତ ଭାବରେ ଅକ୍ଷୟଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସୁବାଷଙ୍କ ଡାହାଣ ପାପୁଲିରେ ଗଭୀର ଆଘାତ ଲାଗିଥିଲା। ଅକ୍ଷୟଙ୍କ ପୁଅ ସୁବ୍ରତ ବାପାଙ୍କୁ ଉଦ୍ଧାର କରିବାକୁ ଯାଇ ମଧ୍ୟ ଆକ୍ରମଣର ଶୀକାର ହୋଇଥିଲେ। ଏନେଇ ସୁବାଷ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ତୃତୀୟ ଦିନରେ ପହଞ୍ଚିଲା ଅଞ୍ଚର ପାସ୍ ନିର୍ମାଣ ଅନଶନ

ଜାତୀୟ ରାଜପଥ ଅବରୋଧ ପାଇଁ ଚେତାବନୀ

ମାର୍ଶାଘାଇ,୭।୧(ସଂଚାର ବ୍ୟୁରୋ): ପାରାଦୀପ-ଚଣ୍ଡିଖୋଲ ୫୩ ନଂ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ଜାରି ରହିଛି। ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଶିଳିପୁର ମୁଖ୍ୟ ଛକ ନିକଟରେ ଅଞ୍ଚର ପାସ୍ ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ତରଫରୁ ଆରମ୍ଭ ହୋଇଥିବା ଆମରଣ ଅନଶନ ୩ୟ ଦିନରେ ପହଞ୍ଚିଛି। ଅନଶନକାରୀଙ୍କ ମଧ୍ୟରୁ ୨ଜଣ ଅସୁସ୍ଥ ହୋଇ ଚିକିତ୍ସିତ ହୋଇସାରି ପୁଣି ଅନଶନ ସ୍ଥଳରେ ଅନଶନ ଜାରି ରଖିଛନ୍ତି। ହେଲେ ନା ପ୍ରଶାସନ ନା ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଏପର୍ଯ୍ୟନ୍ତ ଅନଶନକାରୀଙ୍କ ନିକଟରେ ପହଞ୍ଚି ନାହାଁନ୍ତି କି ତାଙ୍କ କଥା ଶୁଣି ନାହାଁନ୍ତି। ଯାହାଫଳରେ ସେମାନେ ବାଧ ହୋଇ ଗୁରୁବାର ଜାତୀୟ



ରାଜପଥ ଅବରୋଧ କରିବାକୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି।

ଶିଳିପୁର ଠାରୁ ମାର୍ଶାଘାଇ ବଜାରକୁ ସଂଯୋଗ କରିଥିବା ରାସ୍ତା ଏକ ଜନଗହଳି ପୂର୍ଣ୍ଣ ରାସ୍ତା। ମହାକାଳପଡ଼ା, ମାର୍ଶାଘାଇ ରାସ୍ତା ଉପରେ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି। ମାର୍ଶାଘାଇ ଠାରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ, ତହସିଲ, ମେଡିକାଲ୍, ବଜାର ଭଳି ମୁଖ୍ୟ ଅନୁଷ୍ଠାନ ଗୁଡ଼ିକ ରହିଛି। ପୂର୍ବରୁ ଥିବା ଅଞ୍ଚର ପାସ୍ ସ୍ଥାନରେ ଯେଉଁ ନୂତନ

ସମର୍ଥନ ଜଣାଇଲେ ଅତନୁ ଓ ଅଂଶୁମାନ

ବ୍ଲକ୍‌ର ପାଖାପାଖି ୨୨ ଗୋଟି ପଞ୍ଚାୟତର ହାରାହାରି ୭୫ ହଜାର ଜନସାଧାରଣ ଏହି ରାସ୍ତା ଉପରେ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି। ମାର୍ଶାଘାଇ ଠାରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ, ତହସିଲ, ମେଡିକାଲ୍, ବଜାର ଭଳି ମୁଖ୍ୟ ଅନୁଷ୍ଠାନ ଗୁଡ଼ିକ ରହିଛି। ପୂର୍ବରୁ ଥିବା ଅଞ୍ଚର ପାସ୍ ସ୍ଥାନରେ ଯେଉଁ ନୂତନ ଅଞ୍ଚର ପାସ୍ ନିର୍ମାଣ ହୋଇଛି ତାହା ସଂକୀର୍ଣ୍ଣ ହୋଇଛି। ପୁରୁଣା ପିଚୁ ରାସ୍ତା କାର୍ଯ୍ୟ ଶେଷ ହେଲେ ରାସ୍ତାର ଉଚ୍ଚତା ତୁଳନାରେ ଅଞ୍ଚର ପାସ୍‌ର ଉଚ୍ଚତା କମ୍ ହୋଇଯିବ। ଯାହା ବ୍ୟବହାର ଉପଯୋଗୀ ହେବନାହିଁ। ବାଧ ହୋଇ ଲୋକେ ୧.୫ କିଲୋମିଟର ଭଳି ବୁଲିକି ଯାତାୟତ କରିବାକୁ ପଡ଼ିବ ବୋଲି ଅନଶନକାରୀ ଅଭିଯୋଗ କରିଛନ୍ତି।

ଯେଉଁ ଅଞ୍ଚର ପାସ୍ ନିର୍ମାଣ ହୋଇଛି ଲୋକଙ୍କ ସୁବିଧା ଅନୁଯାୟୀ ତାହାର ପୁନଃ ବିଚାର କରିବାକୁ ଲୋକେ ମାନେ ସୋମବାର ଠାରୁ ଆମରଣ ଅନଶନରେ ବସିଥିବା ବେଳେ ପ୍ରଶାସନ କି ନିର୍ମାଣକାରୀ ସଂସ୍ଥା ଅନଶନକାରୀଙ୍କୁ ଭେଟି ନାହାଁନ୍ତି କି ଆଲୋଚନା ମଧ୍ୟ କରିନାହାନ୍ତି। ଏନେଇ ଆସନ୍ତାକାଲି ଅନଶନକାରୀ ଓ ଜନସାଧାରଣ ଜାତୀୟ ରାଜପଥ ମୁଖ୍ୟରାସ୍ତା ଅବରୋଧ କରିବା ପାଇଁ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଯଦି ଏଥିପାଇଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଅନଶନ ସ୍ଥଳରେ ମହାକାଳପଡ଼ା ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ପହଞ୍ଚି ଅନଶନକୁ ସମର୍ଥନ ଜଣାଇବା ସହିତ ଦାବି ପୂରଣ ପର୍ଯ୍ୟନ୍ତ ସେ ଜନତାଙ୍କ ସହିତ ଅଛନ୍ତି ବୋଲି କହିଥିଲେ।

ଦେଉଳପଡ଼ା ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ମାନ୍ୟତା

ଓଡ଼ିଶାରୁ ୩ଟି କେନ୍ଦ୍ର ମଧ୍ୟରୁ ଦେଉଳପଡ଼ା ତୃତୀୟ

ମହାକାଳପଡ଼ା,୭।୧(ସଂଚାର ବ୍ୟୁରୋ): ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନଦଣ୍ଡ ଅନୁଯାୟୀ ଓଡ଼ିଶାର ଥିବା ଉପସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ୩ଟି କେନ୍ଦ୍ରକୁ ଜାତୀୟ ସ୍ୱାସ୍ଥ୍ୟ ପ୍ରଣାଳୀ ସମ୍ବଳ କେନ୍ଦ୍ର ତରଫରୁ ଆଭାସୀ ମୂଲ୍ୟାଙ୍କନ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଯେଉଁଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅର୍ଥାତ୍ ଉପ ସ୍ୱାସ୍ଥ୍ୟକେନ୍ଦ୍ର, ଦେଉଳପଡାକୁ ତୃତୀୟ ସ୍ଥାନ ମିଳିଛି। ସୂଚନା ଥାଉକି ରାଜ୍ୟ ମାନଙ୍କରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର -ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ୭ ମୁଖ୍ୟ ଆବଶ୍ୟକୀୟ ଚିକିତ୍ସା ସୁବିଧା ତଥା ମାତୃ,ଶିଶୁ,ସଙ୍କ୍ରାମକ ଏବଂ ଅଣସଙ୍କ୍ରାମକ, ପରିବାର ନିୟୋଜନ, ଚକ୍ଷୁ,କର୍ଣ୍ଣ,ନାଶା ଓ ଗଳା ଯତ୍ନ ସୁବିଧାଗୁଡ଼ିକ ଠିକ୍ ଭାବରେ ପରିଚାଳନା ହେଉଛି କି ସେ ସମ୍ପର୍କରେ ଆଭାସୀ ମାଧ୍ୟମରେ ସମୀକ୍ଷା



କରାଯାଇଥିଲା। ଯେଉଁଥିରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର - ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ୮୫.୯୦% ମୂଲ୍ୟାଙ୍କନ କରାଯାଇ ତୃତୀୟ ସ୍ଥାନ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସୂଚନା ଥାଉକି ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ମୀନାରାଣୀ ସେଠୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ଅଧକ୍ଷତାରେ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଚାଳନା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ବେଶ୍ ଗୁରୁତ୍ୱ ଓ ଉତ୍ତମ ଚିକିତ୍ସା ସୁବିଧା ପାଇଁ ଲୋକମାନଙ୍କ ମଧ୍ୟରେ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳିଛି।

ପରିବହନ ବିଭାଗ ତରଫରୁ ହେଲମେଟ ଓ ଲାଇସେନ୍ସ ଯାଞ୍ଚ

କେନ୍ଦ୍ରାପଡା,୭।୧(ସଂଚାର ବ୍ୟୁରୋ): ଜାତୀୟ ସଡକ ସୁରକ୍ଷା ପାଳନ ୨୦୨୬ ଉପଲକ୍ଷେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନ ଗୁଡିକରେ ମଟର ସାଇକେଲ ଚେକିଂ କରାଯାଇଛି । ଜିଲ୍ଲା ପରିବହନ ଅଧିକାରୀ (ଆରଟିଓ) ଲେକନାଥ ମେହେରଙ୍କ ତତ୍ତ୍ୱାବଧାନ ରେ ଟ୍ରାଫିକ ନିରୀକ୍ଷକ ରାଜ ନାରାୟଣ ସ୍ୱାଇଁ, କନିଷ୍ଠ ନିରୀକ୍ଷକ ଶ୍ରୀକାନ୍ତ ଟୁଡୁ ପ୍ରମୁଖ ଉପସ୍ଥିତ ରହି ସହରର ମୁଖ୍ୟ ପ୍ରବେଶ ପଥ ଦୁହୁରିଆ ଠାରେ ବିନା ହେଲମେଟ, କାଗଜପତ୍ର ନଥିବା, ବୀମା ନଥିବା ବାଇକ ଗୁଡିକୁ ଯାଂଚ କରି ସେମାନଙ୍କର ଚାଲାଣ କରାଯାଇଛି। ଏଥି ସହିତ ବାଇକ ଚାଳକ ମାନଙ୍କୁ ହେଲମେଟ ପିନ୍ଧିବା ସହିତ ବାଇକର ସମସ୍ତ କାଗଜପତ୍ର ଗୁଡିକୁ ଠିକ ରଖିବା ପାଇଁ ସଚେତନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବହନ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ ।



ମହିଳାଙ୍କୁ ଦୁର୍ବ୍ୟବହାର ଘଟଣା

ପୁଲିସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି



ଆଳି,୭।୧(ସଂଚାର ବ୍ୟୁରୋ): ଜମିଜମା ବିବାଦକୁ ନେଇ ଆଳି ଥାନା ଜୁଆଣିଆ ଠାରେ ଉପୁଜିଥିବା ବିବାଦ ଏବେ ଘନେଇବାରେ ଲାଗିଛି। ଘଟଣାରେ ପୋଲିସ ଅଧିକାରୀଙ୍କ ନାମରେ ସାମ୍ବାଦିକ ସମ୍ମିଳନୀ କରିବା ପରେ ମାମଲା ରୁଜୁ କରିଛନ୍ତି ଝରଣାବାଳା ଭୂୟାଁ।

ମିଳିଥିବା ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ଜୁଆଣିଆ ଗ୍ରାମରେ ଏକ ଜାଗାବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ହାତାହାତି ପରିସ୍ଥିତି ଉପୁଜିଥିଲା। ଯାହା ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଦୁଇଟି ମାମଲା ଆଳି ଥାନାରେ ରୁଜୁ ହୋଇଥିଲା। ଆଳି ପୁଲିସ ଘଟଣାର ତଦନ୍ତ କରି ସର୍ବେଶ୍ୱର ଭୂୟାଁକୁ ଗିରଫ କରିବା ପରେ ଏବେ ତାଙ୍କ ପତ୍ନୀ ଆଣିଛନ୍ତି ସଂଗୀନ ଅଭିଯୋଗ। ସର୍ବେଶ୍ୱରଙ୍କ ପତ୍ନୀ ଝରଣାବାଳା ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀଙ୍କୁ ଆଳି ଥାନା ଏଏସଆଇ ଆଲୋକ ରଥ ଗିରଫ କରିବା ପରେ ତାଙ୍କୁ ମାଡ଼ ମାରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିବା ସହ ଯାହାକି ଗାଳି ଦେବାର ଭିଡିଓ ଭାଇରାଲ ହୋଇଛି।

ଆଳି ପୋଲିସର ଏଭଳି କାର୍ଯ୍ୟକୁ ନାପସନ୍ଦ କରି ମଙ୍ଗଳବାର ଅପରାହ୍ନରେ ଜୁଆଣିଆ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ପୋଲିସ ବିରୁଦ୍ଧରେ ଗର୍ଜିଥିଲେ। ଯାହାକୁ କେନ୍ଦ୍ର କରି ଜୁଆଣିଆରେ ଅସନ୍ତୋଷ ଦେଖାଦେଇଛି। ତେବେ ଏହି ଘଟଣା ଆଳି ଅଞ୍ଚଳରେ ଏକ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏ ନେଇ ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଉଚିତ୍ ପ୍ରାପ୍ୟ ନପାଇ ଭାଗଚାଷୀ ହଟହଟା

ନିଶ୍ଚିନ୍ତକୋଇଲି,୭।୧(ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ମଣ୍ଡିରେ ଧାନ ବିକ୍ରି କରିବାରେ ଅଧିକାଂଶ ଜମି ମାଲିକମାନେ ସେମାନଙ୍କ ଜମିକୁ ଭାଗ ଚାଷରେ ଦେଇଥାନ୍ତି। ଯେଉଁମାନେ ଜମିକୁ ଭାଗଚାଷ କରିଥାନ୍ତି ସେମାନେ ମଣ୍ଡିରେ ପ୍ରାୟତଃ ଧାନ ବିକ୍ରି କରିପାରନ୍ତି ନାହିଁ। ଜମି ମାଲିକ ମାନେ ମଣ୍ଡିରେ ଧାନ ବିକ୍ରି କରିବାର ସୁଯୋଗ ପାଇଥାନ୍ତି। କେବଳ ଭାଗଚାଷୀ ନୁହେଁ କ୍ଷୁଦ୍ରଚାଷୀ ମଧ୍ୟ ମଣ୍ଡିରେ ନାମ ପଞ୍ଜିକରଣ କରି ସରକାରୀ ଧାର୍ଯ୍ୟ ମୂଲ୍ୟରେ ମଧ୍ୟ ଧାନ ବିକ୍ରି କରିପାରିନଥାନ୍ତି।

୧୭୦୦ ଟଙ୍କାରେ ବିକୁଛନ୍ତି ଧାନ
ସରକାର ସବୁଜାଣି ଅଜଣା

ସେମାନେ ଧାନ ଅମଳ ପରେ ରବି ଫସଲ ଯଥା ମୁଗ, ବିରି ଚାଷ କରିବା ପାଇଁ ଅର୍ଥ ଆବଶ୍ୟକତା ଦୃଷ୍ଟିରୁ ଖୋଲା ବଜାରରେ ଧାନ କିଣୁଥିବା ଗୋଦାମରେ ବିକ୍ରି କରିଥାନ୍ତି। କେନ୍ଦ୍ର ସରକାର ଧାନ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା ମୂଲ୍ୟ ଧାର୍ଯ୍ୟ କରିଥିବା ବେଳେ ରାଜ୍ୟ ସରକାରଙ୍କ ୭୩୧ ଟଙ୍କା ବୋନସ୍‌କୁ ମିଶାଇ ୩୧୦୦ ଟଙ୍କା ମଣ୍ଡିରେ ନାମ ପଞ୍ଜିକରଣ କରିଥିବା ଚାଷୀ ପାଉଥିଲା ବେଳେ ଭାଗଚାଷୀ ଓ କ୍ଷୁଦ୍ରଚାଷୀ ମାନେ ଖୋଲା ବଜାରରେ କ୍ୱିଣ୍ଟାଲ ପ୍ରତି ୧୭୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଯାହାଫଳରେ ସେମାନେ ଚାଷରେ ଯେତିକି ଖର୍ଚ୍ଚ କରିଥାନ୍ତି ସେତିକି ବି ପାଇପାରନ୍ତି ନାହିଁ। ଫଳରେ ସେମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହେଉଛି।

ତେଣୁ ସରକାର ଖୋଲା ବଜାରରେ ଧାନ କିଣୁଥିବା ବ୍ୟବସାୟୀ (ଗୋଦାମ) ସରକାରୀ ସ୍ଥିରୀକୃତ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୬୯ ଟଙ୍କାରେ (୭୩୧ଟଙ୍କା ବୋନସ ବ୍ୟତୀତ) ଚାଷୀମାନଙ୍କ ଠାରୁ ଧାନ କିଣିଲେ ଭାଗଚାଷୀ ଓ କ୍ଷୁଦ୍ରଚାଷୀ ମାନେ ଉପକୃତ ହୋଇପାରନ୍ତେ। ଭାଗଚାଷୀ ଓ କ୍ଷୁଦ୍ର ଚାଷୀଙ୍କ ସମସ୍ୟାକୁ ଦୃଷ୍ଟି ଦେଇ ଯୋଗାଣ ମନ୍ତ୍ରୀ ଓ ରାଜ୍ୟ ସରକାର ଏହାର ସୁବ୍ୟବସ୍ଥା କରିବାକୁ ଚାଷୀ ମହଲରେ ଦାବି ହୋଇଛି।

ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



ପଙ୍କାମୁଣ୍ଡାଇ,୭।୧(ସଂଚାର ବ୍ୟୁରୋ): ସରକାରଙ୍କ ଜଳସମ୍ପଦ ବିଭାଗ ଉଠାଜଳସେଚନ ନିଗମ କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ପଙ୍କାମୁଣ୍ଡାଇ ଉଠା ଜଳସେଚନ ନିଗମ ଉପଖଣ୍ଡ ସନ୍ନିକଟ ମଙ୍ଗଳା ମଣ୍ଡପରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଠା ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକ ଯୋଗ ଦେଇ ଉପସ୍ଥିତ ଚାଷୀମାନଙ୍କୁ ପାଣି ପଞ୍ଚାୟତର ଭୂମିକା ଓ ଏହାର ସୁପରିଚାଳନା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମକୁ ଉଠାଜଳସେଚନ ବିଭାଗ ସରକାରୀ ଯନ

ସାଧାରଣତନ୍ତ୍ର ଦିବସ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରସ୍ତୁତି

ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ଆସନ୍ତା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ପରିପ୍ରେକ୍ଷୀରେ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଅଧ୍ୟକ୍ଷତା କରି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ସାଧାରଣତନ୍ତ୍ର ଦିବସ ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଭାବବେଗର ପ୍ରତୀକ। ମହାତ୍ମା ଗାନ୍ଧି ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଉତ୍ସବକୁ ଅତ୍ୟନ୍ତ ଶୃଙ୍ଖଳିତ, ଆଧୁନିକ ଓ ଆକର୍ଷଣୀୟ ଢଙ୍ଗରେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଉତ୍ସବର ପ୍ରତ୍ୟେକ ଆୟୋଜନ ଯଥା-ପରେଡ୍, ସାଜସଜ୍ଜା, ଆମନ୍ତ୍ରିତ ଅତିଥିଙ୍କ ଉପବେସନ ବ୍ୟବସ୍ଥା, ସୁରକ୍ଷା, ସମୟନିଷ୍ଠତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

ଆଜିର ବୈଠକରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ ଓ ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଭାତରେ ରାମଧୁନ୍ ପରିବେଷଣ ମାଧ୍ୟମରେ ଦେଶପ୍ରେମ ଭାବନା ସୃଷ୍ଟି କରିବା ଉପରେ ଆଲୋଚନା ହୋଇଥିଲା। ଏଥିସହ ପତାକା ଉତ୍ତୋଳନସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା, ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଉତ୍ସବସ୍ଥଳର ସାଜସଜ୍ଜା ଓ ପ୍ରଚାପନ ମୋଡ୍ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଛି। ସାଧାରଣତନ୍ତ୍ର ଦିବସକୁ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଅଧିକ ଆକର୍ଷଣୀୟ ତଥା ସୁବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ବୃଦ୍ଧି କରାଯିବ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାଗୁଡ଼ିକରେ ଆଲୋକସଜ୍ଜା କରାଯିବା ସହ ସମସ୍ତ ବ୍ୟବସ୍ଥାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ନୂଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁରୁବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

କେବଳ ଆୟୁର୍ବେଦିକ ଔଷଧ ଲେଖିବେ ଆୟୁଷ ଡାକ୍ତର

- କେନ୍ଦୁଝର ଜିଲ୍ଲାରେ ଏବିଡିଏମ୍‌ର ପାଇଲଟ୍ ପ୍ରୋଗ୍ରାମ
- ସବୁ ଡିଏଚ୍‌ଏଚ୍‌ରେ ଡିଏନ୍‌ବି ପାଠ୍ୟକ୍ରମ ଆରମ୍ଭ ହେବ



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ଏଥିରେ ମୁଖ୍ୟତଃ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍)ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପ୍ରଥମେ କେଉଁଝର ଜିଲ୍ଲାରେ ଏକ ପାଇଲଟ୍ ପ୍ରୋଗ୍ରାମ ଭାବେ ଆରମ୍ଭ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସଫଳତାକୁ ଅନୁଧ୍ୟାନ କରାଯାଇ ସମଗ୍ର ରାଜ୍ୟରେ ସମ୍ପ୍ରସାରଣ କରାଯିବ। ଡିଜିଟାଲ୍ ମିଶନ ଦ୍ୱାରା ଅଧିକାଂଶ ସ୍ୱାସ୍ଥ୍ୟସେବାକୁ ଯଥା ଆପଏଣ୍ଟମେଣ୍ଟ, ବୁକିଙ୍ଗ୍, ରେଫରାଲ୍ ଓ ଫଲୋଅପ୍ ବ୍ୟବସ୍ଥା ଇତ୍ୟାଦି ସମସ୍ତ କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯିବ। ଏହାଦ୍ୱାରା ରୋଗୀମାନଙ୍କ ପ୍ରତୀକ୍ଷା ସମୟ କମିବ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ହୋଇପାରିବ।

ଏଥିସହିତ ଡାକ୍ତରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଡିପ୍ଲୋମେଟ୍ ଅଫ୍ ନ୍ୟାସନାଲ୍ ବୋର୍ଡ (ଡିଏନ୍‌ବି) ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ ଡାକ୍ତରମାନେ ପ୍ରାକ୍ଟିକାଲ୍ ଓ କ୍ଲିନିକାଲ୍ ଟ୍ରେନିଂ ପାଇ ସ୍ପେସିଆଲାଇଜେସନ୍ କରିପାରିବେ। ସେହିପରି ସାରା ରାଜ୍ୟରେ ଆୟୁଷ ଔଷଧକୁ ଲୋକପ୍ରିୟ କରିବା ପାଇଁ ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ ଏବଂ କୌଣସି ଏଲୋପାଥିକ ଔଷଧ ପ୍ରିସକ୍ରାଇବ କରିବେ ନାହିଁ। ତତ୍‌ସହ ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କ ସେବାକୁ ଅଗ୍ରାଧିକାର ଦେବା ନିମନ୍ତେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରମାନଙ୍କରେ ଆର୍ୟୁବେଦିକ ଓ ହୋମିଓପାଥି ମେଡିସିନ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ସ୍କିଲ୍ସ ୨୦୨୫-୨୬ ଉଦ୍‌ଘାଟିତ

ଦକ୍ଷ ଯୁବପିଢ଼ି ବିକଶିତ ଓଡ଼ିଶାର ମୂଳଦୁଆ: ମନ୍ତ୍ରୀ



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସ୍ଥାନୀୟ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଓଡ଼ିଶା ସ୍କିଲ୍ସ ୨୦୨୫-୨୬କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଦକ୍ଷତା ବିକାଶ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ରୂପାନ୍ତରଣର ମୁଖ୍ୟ ଅଂଶ। ଓଡ଼ିଶା ସ୍କିଲ୍ସ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏକ ଏଭଳି ପ୍ଲାଟଫର୍ମ ଯେଉଁଠି ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଉତ୍କର୍ଷ ମନୋବୃତ୍ତି ବୃଦ୍ଧି ପାଏ। ବିକଶିତ ଓଡ଼ିଶା ଦକ୍ଷ, ଆତ୍ମବିଶ୍ୱାସୀ ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତା ମନୋବୃତ୍ତିସମ୍ପନ୍ନ ଯୁବପିଢ଼ି ଦ୍ୱାରା ଗଠନ ହୋଇପାରିବ। ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତାରେ ଏହାର ପ୍ରତିଫଳନ ଦେଖିବାକୁ ମିଳେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ଏହି ପ୍ରତିଯୋଗିତା ରାଜ୍ୟର ୫୦୦ରୁ ଅଧିକ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ଶିଳ୍ପର ଆବଶ୍ୟକତା ତଥା ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା ସହ ୪୯ଟି ଦକ୍ଷତା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜେତାମାନେ ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ଏବଂ ପରବର୍ତ୍ତୀ ସମୟରେ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଭାଗନେବେ। ଏହି ଦ୍ୱିବାର୍ଷିକ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାକୁ ସ୍କିଲ ଅଲିମ୍ପିକ୍ସ ମଧ୍ୟ କୁହାଯାଏ। ଚଳିତ ବର୍ଷ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରତି ଦକ୍ଷତା ବର୍ଗରେ ଓଡ଼ିଶା ସ୍କିଲ୍ସ ୨୦୨୫-୨୬ର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଆସ୍କାୟାର ଯୋଜନା ଅଧୀନରେ ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର ପ୍ରଦାନ କରାଯିବ। ଏହା ଉତ୍କର୍ଷକୁ ସ୍ୱୀକୃତି ଦେବା ସହ ଯୁବପିଢ଼ିକୁ ଉଚ୍ଚ ସ୍ତରର ଦକ୍ଷତା ହାସଲ କରିବା ଦିଗରେ ପ୍ରୋତ୍ସାହିତ କରିବ। ତେଣୁ ଛାତ୍ରଛାତ୍ରୀମାନେ ଏହାକୁ ଏକ ପାହାଚ ଭାବେ ବିବେଚନା କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଅଭିଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ ପରିଚାଳନା ଅଧିକାରୀ, ପ୍ରିନ୍ସିପାଲ୍, ଡେପୁଟି ପ୍ରିନ୍ସିପାଲ୍, ଶିଳ୍ପ ଅଂଶୀଦାର, ବିଶେଷଜ୍ଞ, ଜୁରୀ ସଦସ୍ୟ ଓ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଦୋକାନୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

- ହତ୍ୟା ଅଭିଯୋଗ ଆଣିଲେ ପରିବାର

ପାଟଣାଗଡ଼,୭।୧(ସଂଚାର ବ୍ୟୁରୋ): ଗଛରୁ ସ୍ଥାନୀୟ ଅଞ୍ଚଳର ଜନୈକ ଦୋକାନୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ତାଙ୍କୁ କେହି ହତ୍ୟା କରି ଏହାକୁ ଆତ୍ମହତ୍ୟା ରୂପ ଦେବା ସକାଶେ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା



ଅନ୍ତର୍ଗତ ବରବାହାଲ ମଲ୍ଲିକମୁଣ୍ଡା ରାସ୍ତାକଡ଼ରେ ଥିବା ଏକ ଚାକୁଣ୍ଡା ଗଛରେ ଉକ୍ତ ଦୋକାନୀଙ୍କ ଝୁଲନ୍ତା ଅବସ୍ଥାରେ ଥିବା ବେଳେ ସ୍ଥାନୀୟ ଲୋକେ ପୁଲିସ୍‌କୁ ଅବଗତ କରାଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ଉକ୍ତ ମୃତଦେହ ଉଦ୍ଧାର କରିବା ସହ ତନାଘନା ଚଳାଇଛି। ମୃତ ଯୁବକ ଜଣଙ୍କ ବରବାହାଲ ଗାଁର ୩୫ ବର୍ଷୀୟ କ୍ଷେତ୍ର କଚୁଆଲ ବୋଲି ଜଣାପଡ଼ିଛି। ତେବେ କ୍ଷେତ୍ରଙ୍କୁ କେତେକେ ଦୁର୍ବୃତ୍ତ ତଣ୍ଟିଚିପି ହତ୍ୟା କରିବା ସହ ଏକ ପ୍ଲାଷ୍ଟିକ୍ ରଶିରେ ଗଛରେ ଟାଙ୍ଗି ଦେଇଥିବା ସାନ ଭାଇ ଭୀଷ୍ମ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ସନ୍ଧ୍ୟା ପାଖାପାଖି ୫ଟା ସମୟରେ କ୍ଷେତ୍ର ଏକ ଚାଉଳ ପ୍ୟାକେଟ୍ ବାଇକ ଯୋଗେ ନେଇ ଠକପଡ଼ାର ଜନୈକ ବ୍ୟବସାୟୀଙ୍କ ପାଖକୁ ବିକ୍ରି କରିବାକୁ ଯାଇଥିଲେ। ତେବେ ଚାଉଳ ଦେଇ ଟଙ୍କା ଧରି ସେ ଘରକୁ ଫେରିବା ବାଟରେ ଯୋଗୀମୁଣ୍ଡାର ଜନୈକ ବ୍ୟବସାୟୀଙ୍କଠାରୁ ଦୋକାନ ପାଇଁ କିଛି ସାମଗ୍ରୀ ମଧ୍ୟ ଆଣିଥିଲେ। ସାମଗ୍ରୀତକ କିଣି ସାରିବା ପରେ ସେଠାରୁ ଆସି କ୍ଷେତ୍ର କିଛି ଖାଉଥିବାର ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ରାତି ୮ଟା ପର୍ଯ୍ୟନ୍ତ କ୍ଷେତ୍ର ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ। କିନ୍ତୁ ସେ ଫୋନ୍ ରିସିଭ୍ ନ କରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ବରବାହାଲ ମଲ୍ଲିକମୁଣ୍ଡା ରାସ୍ତା କଡ଼ରେ ତାଙ୍କ ବାଇକ ପଡ଼ିଥିବା ବେଳେ ଜ୍ୟାକେଟ୍ ଓ ଚପଲ ବି ସେଠାରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ଏଥିସହ ନିକଟସ୍ଥ ଏକ ଚାକୁଣ୍ଡା ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା।

ଅଫିସ୍ ଗୃହକୁ ଧକ୍କାଦେଲା ବେକାବୁ ସ୍କର୍ପିଓ: ୬ ଆହତ



କୁଆଖିଆ,୭।୧(ସଂଚାର ବ୍ୟୁରୋ): ଭାରସାମ୍ୟ ହରାଇ ଏକ ସ୍କର୍ପିଓ ଅଫିସ୍ ଗୃହକୁ ଧକ୍କା ଦେବା ଫଳରେ ୬ ଜଣ କର୍ମଚାରୀ ଆହତ ହୋଇଛନ୍ତି। ଯାଜପୁର ଜିଲ୍ଲା ମୁଗୁପାଳ-କୁଆଖିଆ ଜାତୀୟ ରାଜପଥ–୨୦ରେ ଥିବା ଜଗନ୍ନାଥ ସିମେଣ୍ଟ୍ ୱାର୍କ ଅଫିସରେ ଏହି ଘଟଣା ଘଟିଛି। ଆହତଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାଥମିକ ଚିକିତ୍ସା ପରେ ୪ ଜଣ ଘରକୁ ଫେରିଥିବା ବେଳେ ୨ ଜଣ ଗୁରୁତର ଆହତ ଯାଜପୁର ସରକାରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ଗତକାଲି ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଯାଜପୁର ଟାଉନରୁ କୁଆଖିଆ ଅଭିମୁଖେ ଆସୁଥିଲା ଏହି ସ୍କର୍ପିଓ। ହେଲେ ଚାଳକ ଜଣଙ୍କ ଭାରସାମ୍ୟ ହରାଇବା ଫଳରେ ସ୍କର୍ପିଓଟି ମୁଗୁପାଳ-କୁଆଖିଆ ମୁଗୁପାଳ ଛକସ୍ଥିତ ଜଗନ୍ନାଥ ସିମେଣ୍ଟ୍ ୱାର୍କ୍ସର କାର୍ଯ୍ୟାଳୟକୁ ଖୁବ୍ ଜୋରରେ ଧକ୍କା ଦେଇଥିଲା। ଫଳରେ ଅଫିସ୍ ଭିତରେ ଶୋଇଥିବା ୬ ଜଣ କର୍ମଚାରୀ ଆହତ ହୋଇଥିଲେ। ଏଥିସହ ଅଫିସ୍ ଗୃହଟି ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେମାନଙ୍କ ମଧ୍ୟରୁ ମିଥୁନ୍ ବାଲରୁମ୍ ଓ କୈଳାସ ବେହେରାଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଯାଜପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଅଷ୍ଟାଦଶ ପାୱାର କପ୍ କ୍ରିକେଟ୍ ଉଦ୍‌ଘାଟିତ



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଓପିଟିସିଏଲ୍ ଓ ଗ୍ରୀଡ୍‌କୋ ପକ୍ଷରୁ ମିଳିତ ଭାବେ ଅଷ୍ଟାଦଶ ପାୱାର କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପୂର୍ବତଟ ରେଲବାଇ ଷ୍ଟାଡିଅମରେ ଉଦ୍‌ଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ଉପମୁଖ୍ୟମନ୍ତ୍ରୀ, ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ବି.ବି. ମେହେଟ୍ଟା, ନିର୍ଦ୍ଦେଶକ (ଏସ୍‌ଏଲ୍‌ଡିସି), ପ୍ରଶାନ୍ତ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ଅପରେସନ୍), ପ୍ରଦୀପ କୁମାର ଦାଶ, ନିର୍ଦ୍ଦେଶକ (ପ୍ରକଳ୍ପ), ଶ୍ରୀକାନ୍ତ କୁମାର ସାହୁ, ନିର୍ଦ୍ଦେଶକ (ଅର୍ଥ) ଓ ଅନିତା ମହାପାତ୍ର, ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ) ସଜ୍ଜାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଦ୍ୟୁତ କ୍ଷେତ୍ରରେ ଥିବା ବିଭିନ୍ନ ନିଗମର ୧୩ଟି ଦଳ ଭାଗ ନେଉଛନ୍ତି। ଓପିଟିସିଏଲ୍ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସବୁବେଳେ ଯେଉଁ କ୍ରୀଡାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି, ତାହାକୁ ଉପମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି।

ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଟିପିସିଓଡିଏଲ୍ ୪ ୱିକେଟ୍ ହରାଇ ୧୭୦ ରନ୍ କରିଥିବା ବେଳେ ଏହାର ଜବାବରେ ଓଏଚ୍‌ପିସି ୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ସେହିପରି ଅନ୍ୟ ଏକ ମ୍ୟାଚ୍ ଇଡକୋ କ୍ରିକେଟ ଷ୍ଟାଡିଅମରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ନାଲକୋ ୬ ୱିକେଟ୍‌ରେ ୧୭୪ ରନ୍ କରିଥିଲା। ଜବାବରେ ଶକ୍ତି ବିଭାଗ ୧୨୪ ରନ୍‌ରେ ଅଲ୍‌ଆଉଟ୍ ହେବା ଫଳରେ ନାଲ୍‌କୋ ୫୦ ରନ୍‌ରେ ବିଜୟୀ ହୋଇଥିଲା।

ଓଡ଼ିଶୀ ନୃତ୍ୟ ଗୁରୁ କେଳୁଚରଣଙ୍କ ଜନ୍ମ ଶତବାର୍ଷିକୀ

ଆଜିଠାରୁ 'କେଳୁଚରଣ କୀର୍ତ୍ତି ଶତକମ୍'

- ଲୋକାର୍ପିତ ହେବ ଜୀବନୀ ଉପରେ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର
- ଉନ୍ମୋଚିତ ହେବ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ୱେବସାଇଟ୍

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସୃଜନ ଅନୁଷ୍ଠାନର ମିଳିତ ସହଯୋଗରେ ଆସନ୍ତାକାଲିଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବ। 'କେଳୁଚରଣ କୀର୍ତ୍ତି ଶତକମ୍' ଶୀର୍ଷକରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୀବନୀକୁ ନେଇ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ରବୀନ୍ଦ୍ର ମଣ୍ଡପଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହେବାକୁ ଥିବା ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୀବନୀ, ଓଡ଼ିଶୀ ନୃତ୍ୟ ପ୍ରତି ରହିଥିବା ତାଙ୍କର ଅବଦାନ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରକୁ ନେଇ ନିର୍ମିତ ଏକ କ୍ଷୁଦ୍ର ଚଳଚ୍ଚିତ୍ରର ଲୋକାର୍ପଣ କରାଯିବ। ଗୁରୁଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ୱେବସାଇଟ ଉନ୍ମୋଚନ କରାଯିବ। ଏଥିସହ ତିନିଦିନ ଧରି ରବୀନ୍ଦ୍ର ମ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪ ଗୁରୁବାର ୮ ଜାନୁଆରୀ ୨୦୨୬, ଭୁବନେଶ୍ୱର

Thursday 8 January 2026, Bhubaneswar

ଭାରତର ତେଲ ନୀତିରେ ହସ୍ତକ୍ଷେପ



ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ଭାରତକୁ ଧମକ ଦେଇଛନ୍ତି। ରୁଷରୁ ତେଲ କ୍ରୟ ଜାରି ରଖିଲେ ଭାରତ ଉପରେ ଉଚ୍ଚ ଶୁଳ୍କ ଲଗାଇବେ ବୋଲି ସେ କହିଛନ୍ତି। ଏହି ଧମକ କେବଳ ଭାରତର ଇନ୍ଧନ ସୁରକ୍ଷାକୁ ପ୍ରଭାବିତ କରିବ ନାହିଁ, ବରଂ ଆମେରିକା-ଭାରତ ସମ୍ପର୍କରେ ମଧ୍ୟ ତିକ୍ତତା ଆଣିପାରେ। ଯୁଦ୍ଧଗ୍ରସ୍ତ ରୁଷକୁ ଅର୍ଥନୈତିକ ସହାୟତା ଦେବା ଅଭିଯୋଗରେ ଟ୍ରମ୍ପ ଏହି ପଦକ୍ଷେପ ନେବାକୁ ଚାହୁଁଛନ୍ତି। କିନ୍ତୁ ଭାରତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନୀତିର ପୁନର୍ବିଚାର ଆବଶ୍ୟକ।

ଭାରତ ବିଶ୍ୱର ସର୍ବବୃହତ ତେଲ ଆମଦାନୀକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ରୁଷରୁ ଶସ୍ତା ତେଲ କ୍ରୟ କରିବା ଦ୍ୱାରା ଆମର ଅର୍ଥନୀତିକୁ ବହୁତ ଲାଭ ମିଳିଛି। ୟୁକ୍ରେନ ଯୁଦ୍ଧ ପରେ ରୁଷର ତେଲ ଉପରେ ପାଶ୍ଚାତ୍ୟ ପ୍ରତିବନ୍ଧକ ସତ୍ତ୍ୱେ ଭାରତ ଏହି ବ୍ୟବସାୟ ଜାରି ରଖିଛି। ଏହା କେବଳ ଅର୍ଥନୈତିକ କାରଣରୁ ନୁହେଁ, ବରଂ ରୁଷ ସହିତ ଦୀର୍ଘକାଳୀନ ରାଜନୈତିକ ସମ୍ପର୍କ ଯୋଗୁଁ। ଟ୍ରମ୍ପଙ୍କ ଧମକ ଏହି ସମ୍ପର୍କକୁ ବାଧା ଦେବାର ପ୍ରୟାସ ଭଳି ଲାଗୁଛି। ଆମେରିକା ନିଜର ସ୍ୱାର୍ଥ ଅନୁଯାୟୀ ରୁଷକୁ ଅଲଗା କରିବାକୁ ଚାହୁଁଛି, କିନ୍ତୁ ଭାରତର ଭୂ-ରାଜନୈତିକ ସ୍ଥିତି ଭିନ୍ନ। ଚୀନ ସହିତ ସୀମା ବିବାଦ ଏବଂ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପରେ ରୁଷର ସମର୍ଥନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।

ଟ୍ରମ୍ପଙ୍କ ପ୍ରସ୍ତାବିତ ଶୁଳ୍କ ବୃଦ୍ଧି ଭାରତର ରପ୍ତାନୀକୁ ପ୍ରଭାବିତ କରିପାରେ। ଗତ ବର୍ଷ ଆମେରିକା ଭାରତୀୟ ମାଲ ଉପରେ ଶୁଳ୍କକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲା, କିନ୍ତୁ ଆମର ରପ୍ତାନୀ ବଢ଼ିଛି। ତଥାପି, ଉଚ୍ଚ ଶୁଳ୍କ ଯୋଗୁଁ ଭାରତୀୟ କମ୍ପାନୀଗୁଡ଼ିକର ପ୍ରତିଯୋଗିତାମୂଳକତା ହ୍ରାସ ପାଇପାରେ। ଏହା ଆମର ଅର୍ଥନୀତିକୁ ଧ୍ୱଂସ କରିବା ବିଶେଷକରି କରୋନା ପରେ ପୁନରୁଦ୍ଧାର ସମୟରେ ଏଭଳି ଶୁଳ୍କ ବୃଦ୍ଧି ଦେଶର ଅର୍ଥନୀତିକୁ ପ୍ରଭାବିତ କରିପାରେ। ଭାରତ ରୁଷର ତେଲ ଆମଦାନୀକୁ କମାଇଛି, କିନ୍ତୁ ପୂର୍ଣ୍ଣରୂପେ ବନ୍ଦ କରିବା ସମ୍ଭବ ନୁହେଁ। ଶସ୍ତା ତେଲ ନଥିଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ସାଧାରଣ ଲୋକଙ୍କ ଜୀବନ କଷ୍ଟକର ହୋଇଯିବ।

ଏହି ଧମକର ବିରୋଧରେ ଭାରତ ଦୃଢ଼ ଅବସ୍ଥାନ ନେବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ରମ୍ପଙ୍କ ସହିତ ଭଲ ସମ୍ପର୍କ ରଖିଛନ୍ତି, କିନ୍ତୁ ଏହା ଆମର ସ୍ୱାଧୀନ ନୀତିରେ ହସ୍ତକ୍ଷେପ ହେବା ଉଚିତ୍ ନୁହେଁ। ଭାରତ ବହୁମୁଖୀ ବୈଦେଶିକ ନୀତି ଅନୁସରଣ କରୁଛି, ଯାହା ଆମର ସ୍ୱାର୍ଥକୁ ସୁରକ୍ଷିତ ରଖେ। ରୁଷ ସହିତ ସମ୍ପର୍କ ବଜାୟ ରଖି ଆମେରିକା ସହିତ ମଧ୍ୟ ସହଯୋଗ ବଢ଼ାଇବା ଦରକାର। ଏଥିପାଇଁ କୂଟନୈତିକ ଆଲୋଚନା ଆରମ୍ଭ ହେବା ଉଚିତ।

ଏହା ସହିତ ଭାରତ ଇନ୍ଧନ ଉତ୍ସଗୁଡ଼ିକର ବିବିଧତା ବଢ଼ାଇବା ଉପରେ ଧ୍ୟାନ ଦେବା ଦରକାର। ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଆମେରିକାରୁ ଅଧିକ ତେଲ ଆମଦାନୀ କରି ରୁଷ ଉପରେ ନିର୍ଭରତା କମାଇବା ଆବଶ୍ୟକ। ନବୀକରଣୀୟ ଇନ୍ଧନ ଯେପରିକି ସୌର ଏବଂ ପବନ ଶକ୍ତିର ବିକାଶକୁ ତ୍ୱରାନ୍ୱିତ କରିବା ଦ୍ୱାରା ଦୀର୍ଘକାଳୀନ ସମାଧାନ ମିଳିପାରିବ। ଏହା କେବଳ ପରିବେଶକୁ ସୁରକ୍ଷିତ ରଖିବ ନାହିଁ, ବରଂ ବୈଦେଶିକ ନିର୍ଭରତା ମଧ୍ୟ ହ୍ରାସ କରିବ।

ଟ୍ରମ୍ପଙ୍କ ଧମକ ଏକ ଚ୍ୟାଲେଞ୍ଜ, କିନ୍ତୁ ଏହା ଭାରତର ସ୍ୱାଧୀନତାକୁ ପରୀକ୍ଷା କରୁଛି। ଆମେ ନିଜର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କୂଟନୈତିକ ବୁଦ୍ଧିର ପ୍ରୟୋଗ କରିବା ଉଚିତ। ଏହି ସଙ୍କଟରୁ ମୁକ୍ତ ହୋଇ ଭାରତ ବିଶ୍ୱ ମଞ୍ଚରେ ନିଜର ସ୍ଥାନ ମଜବୁତ କରିବ।

ତୁରନ୍ତ ଖାଦ୍ୟର ପ୍ରଭାବ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଫାଷ୍ଟଫୁଡ୍ ଏବଂ ଜଙ୍କଫୁଡ୍ ସମସ୍ତ ବୟସ ଲୋକଙ୍କ ମଧ୍ୟରେ ଲୋକପ୍ରିୟ। ଏଗୁଡ଼ିକ ସ୍ୱାଦିଷ୍ଟ, ଶୀଘ୍ର ଏବଂ ଅପେକ୍ଷାକୃତ ଶସ୍ତା। ଏଗୁଡ଼ିକ ବିଭିନ୍ନ ପ୍ରକାରର ମସଲାଯୁକ୍ତ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପ୍ରଦାନ କରନ୍ତି। ଉଲ୍ଲେଖନୀୟ କଥା ହେଉଛି ଏହି ଖାଦ୍ୟଗୁଡ଼ିକ ସେମାନଙ୍କର ଅନୁଗାମୀଙ୍କ ସଂଖ୍ୟା ବୃଦ୍ଧି କରିବାରେ ସଫଳ ହୋଇଛି। ସେମାନଙ୍କର ଅନୁଗାମୀମାନଙ୍କ ମଧ୍ୟରେ ପିଲା, ଯୁବକ , ପୁରୁଷ, ମହିଳା ସମସ୍ତେ ଅନ୍ତର୍ଭୁକ୍ତ। ଏହା ସତ୍ୟ ଯେ ଏହି ସ୍ୱାଦିଷ୍ଟ ଖାଦ୍ୟଗୁଡ଼ିକର ଲାଭ ଏବଂ କ୍ଷତି ବିଷୟରେ ବହୁତ କମ୍ ଲୋକ ଜାଣନ୍ତି, କିମ୍ବା ସେମାନେ ଜାଣି ସେଗୁଡ଼ିକୁ ଅଣଦେଖା କରନ୍ତି। ସେଗୁଡ଼ିକୁ ନିଜ ଜୀବନଶୈଳୀର ଏକ ଅଂଶ ବୋଲି ବିବେଚନା କରନ୍ତି। ଏହି କାରଣରୁ ସେମାନଙ୍କର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଯାହା ଫଳରେ ସହର ହେଉ ବା ଗାଁ ପ୍ରତେକ ସ୍ଥାନରେ ସହଜରେ ଉପଲବ୍ଧ ହୁଏ । ଆଜିକାଲି, ଅନଲାଇନ୍ ଡେଲିଭରି ଏହାକୁ ଆହୁରି ସହଜ କରିଛି । ଇଚ୍ଛିତ ଖାଦ୍ୟ ଆପଣଙ୍କ ଘରକୁ କିମ୍ବା ଅନ୍ୟ କୌଣସି ସ୍ଥାନରେ ସହଜରେ ଉପଲବ୍ଧ ହୋଇଥାଏ। ଫାଷ୍ଟଫୁଡ୍, ଯାହାକୁ ତୁରନ୍ତ ଭୋଜନ ମଧ୍ୟ କୁହାଯାଏ ଜୀବନର ଏକ ଅଂଶ ପାଲଟିଛି। ଫାଷ୍ଟଫୁଡ୍‌ର ସବୁଠାରୁ ବଡ଼ ସୁବିଧା ହେଉଛି ଯେତେବେଳେ ଆମ ପାଖରେ ରାନ୍ଧିବା ପାଇଁ ସମୟ ନଥାଏ ଏହା କମ୍ ସମୟରେ ଉପଲବ୍ଧ ହୋଇଯାଏ। ଫାଷ୍ଟଫୁଡ୍‌ରେ ସାଧାରଣତଃ ଚର୍ବି, ଲୁଣ ଏବଂ ଚିନି ଅଧିକ ଥାଏ। ଏହାର ସେବନ ମେଦବହୁଳତା, ମଧୁମେହ ଏବଂ ହୃଦରୋଗ ସମେତ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଏହା ପାଚନକ୍ରିୟାରେ ବାଧା ସୃଷ୍ଟି କରେ।ଫାଷ୍ଟଫୁଡ୍ ଖାଇବା ପରେ ଶରୀରରେ ଶକ୍ତି କମିଗଲା ପରି ଲାଗେ ଏବଂ ମଣିଷ ଅଧିକ କ୍ଲାନ୍ତ ଅନୁଭବ କରେ।ପିଲାମାନେ ଅଧିକ ଫାଷ୍ଟଫୁଡ୍ ଖାଇଲେ ସେମାନଙ୍କର ସ୍ମୃତିଶକ୍ତି ଏବଂ ପଢ଼ାପଢ଼ିରେ ଏକାଗ୍ରତା କମିଯାଏ।ଫାଷ୍ଟଫୁଡରେ ମୁଖ୍ୟତଃ ପନିର, ବର୍ଗର, ଫ୍ରେଞ୍ଚ ଫ୍ରାଏ, ପିଜା ହଟ୍, ଫ୍ରାଏ ଚିକେନ୍ ଏବଂ ଥଣ୍ଡା ପାନୀୟ ଅନ୍ତର୍ଭୁକ୍ତ। ଫାଷ୍ଟଫୁଡ୍ ସ୍ୱାଦିଷ୍ଟ, ତେଣୁ ଏହା ଅଧିକ ଲୋକପ୍ରିୟ। କିନ୍ତୁ ଏହା ଶରୀର ପାଇଁ କ୍ଷତିକାରକ । ହୁଏତ ଏହାର ପ୍ରେମୀମାନେ ଏହାର ଅସୁବିଧାକୁ ଅଣଦେଖା କରନ୍ତି। ଭାରତରେ ଲୋକପ୍ରିୟ ଫାଷ୍ଟଫୁଡ୍ ସାମଗ୍ରୀ ମଧ୍ୟରେ ବଡା ପାଓ, ଗୁପ୍ ଚୁପ୍, ଦହି ବରା ଆଳୁଦମ , ଚାଟ୍, ମୋମୋସ୍ ଏବଂ ପାଓ ଭାଜି ଅନ୍ତର୍ଭୁକ୍ତ। ଏହା ସହିତ, ବର୍ଗର, ନୁଡୁଲ୍ସ, ପିଜା ଏବଂ ଚାଉ ମେନ୍ ଭଳି ପାଶ୍ଚାତ୍ୟ ଫାଷ୍ଟଫୁଡ୍ ସାମଗ୍ରୀ ମଧ୍ୟ ଭାରତୀୟ ଖାଦ୍ୟର ଅଂଶ ହୋଇସାରିଛି। ଫାଷ୍ଟଫୁଡ୍ ଏକ ପ୍ରକାରର ବହୁଳ ଉତ୍ପାଦିତ ଖାଦ୍ୟ। ଫାଷ୍ଟଫୁଡ୍ ହେଉଛି ପୂର୍ବରୁ ପ୍ରସ୍ତୁତ ଖାଦ୍ୟ ଯାହାକୁ ତୁରନ୍ତ ଗରମ କରି ବିକ୍ରି କରାଯାଏ। ଫାଷ୍ଟଫୁଡ୍ ସହିତ, ଆଉ ଏକ ଖାଦ୍ୟ ଅଛି ଜଙ୍କଫୁଡ୍। ଏହା ଏକ ଇଂରାଜୀ ଶବ୍ଦ । ଜଙ୍କଫୁଡ୍ ଖାଦ୍ୟରେ କ୍ୟାଲୋରୀ ଅଧିକ ଏବଂ ପୁଷ୍ଟିସାର କମ୍ ଥାଏ। ଚକୋଲେଟ୍, କ୍ୟାଣ୍ଡି, ଥଣ୍ଡା ପାନୀୟ, ଚିନି ମିଠା ଇତ୍ୟାଦି ବାଣିଜ୍ୟିକ ଭାବରେ ଉତ୍ପାଦିତ ଖାଦ୍ୟକୁ ଜଙ୍କଫୁଡ୍ ଭାବରେ ବିବେଚନା କରାଯାଏ। ପ୍ରକୃତରେ, ଜଙ୍କଫୁଡ୍ ଫାଷ୍ଟଫୁଡ୍ ତୁଳନାରେ ତୁଳନାତ୍ମକ ଭାବରେ ଶୀଘ୍ର ରନ୍ଧା ହୁଏ। ଉଭୟ କ୍ଷତିକାରକ ଏବଂ ବିଭିନ୍ନ ରୋଗର କାରଣ। ହେଲେ ବ୍ୟସ୍ତ ଜୀବନଶୈଳୀ ଫାଷ୍ଟଫୁଡ୍ ଖାଇବାକୁ ପସନ୍ଦ କରିଥାଏ। କିଛି ଫାଷ୍ଟଫୁଡ୍ ମହଙ୍ଗା ହେଲେ, ଅନ୍ୟକେତେକ ଶସ୍ତା ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ପ୍ରଦାନ କରନ୍ତି। ଜଙ୍କଫୁଡ୍‌ରେ ଫାଇବର, ଭିଟାମିନ୍ ଏବଂ ଖଣିଜ ପଦାର୍ଥର ଅଭାବ ଥାଏ, ଯାହା ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱରୁ ବଞ୍ଚିତ କରିଥାଏ। ଛୋଟ ଏବଂ ବଡ଼ ସହରରେ, ବିଶେଷକରି ଯୁବପିଢ଼ି ସାଧାରଣତଃ ପ୍ରତି ମାସରେ ଫାଷ୍ଟଫୁଡ୍ ଏବଂ ଜଙ୍କଫୁଡ୍ ଉପରେ ୪୦୦୦ ରୁ ୧୫୦୦୦ ଟଙ୍କା ଖର୍ଚ୍ଚ କରନ୍ତି। ଆମେରିକାର ବୋଷ୍ଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ରିପୋର୍ଟ ଅନୁଯାୟୀ, ଗତ ୩୦ ବର୍ଷ ମଧ୍ୟରେ ଫାଷ୍ଟଫୁଡ୍‌ରେ ଅସ୍ୱାସ୍ଥ୍ୟକର ଉପାଦାନର ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି। ଅନେକ ଲୋକ ଏହି ଦୁଇଟି ଖାଦ୍ୟକୁ ଭଲ ପାଆନ୍ତି। ବିଶେଷ କଥା ହେଉଛି ଏହି ଖାଦ୍ୟଗୁଡ଼ିକ ସେମାନଙ୍କର ପ୍ରେମୀଙ୍କ ସଂଖ୍ୟା ବୃଦ୍ଧି କରିବାରେ ମଧ୍ୟ ସଫଳ ହେଉଛି। ଫାଷ୍ଟଫୁଡ୍ ହେଉଛି ଏକ ପ୍ରକାର ବହୁଳ ଭାବରେ ଉତ୍ପାଦିତ ଖାଦ୍ୟ ଯାହା ବାଣିଜ୍ୟିକ ପୁନଃବିକ୍ରୟ ପାଇଁ ଡିଜାଇନ୍ କରାଯାଇଛି। ଏହା ଏକ ବାଣିଜ୍ୟିକ ଶବ୍ଦ ଯାହା ପୂର୍ବରୁ ପ୍ରସ୍ତୁତ କିମ୍ବା ଫ୍ରୋଜେନ୍ ରୂପରେ ପ୍ରସ୍ତୁତ ଖାଦ୍ୟକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ। ଯାହା ପ୍ରିହିଟ୍ କିମ୍ବା ପୂର୍ବରୁ ରନ୍ଧା ହୋଇଥିବା ଜିନିଷ ସହିତ ବିକ୍ରି ହୁଏ। ତେଣୁ, ଫାଷ୍ଟଫୁଡ୍ ଶବ୍ଦଟି ପ୍ରାୟତଃ ରେଷ୍ଟୁରାଣ୍ଟଗୁଡ଼ିକରେ ଶୀଘ୍ର ପ୍ରସ୍ତୁତ ଖାଦ୍ୟକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ। ଫାଷ୍ଟଫୁଡ୍ ହେଉଛି ପୂର୍ବରୁ ପ୍ରସ୍ତୁତ ଏବଂ ପରେ ଗରମ କରି ତୁରନ୍ତ ବିକ୍ରି କରାଯାଉଥିବା ଖାଦ୍ୟ। ବ୍ୟସ୍ତବହୁଳ ଜୀବନଶୈଳୀ ଶୀଘ୍ର ଖାଦ୍ୟକୁ ସହଜ କରିଛି। କିଛି ଫାଷ୍ଟଫୁଡ୍ ଶସ୍ତା କିମ୍ବା ନିଯୁକ୍ତି ସୁଯୋଗ ପ୍ରଦାନ କରୁଥିବା ବେଳେ, ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ଜଙ୍କଫୁଡ୍‌ରେ ଫାଇବର, ଭିଟାମିନ୍ ଏବଂ ଖଣିଜ ପଦାର୍ଥର ଅଭାବ ଥାଏ, ଯାହା ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱରୁ ବଞ୍ଚିତ କରିଥାଏ। ଛୋଟ ଏବଂ ବଡ଼ ଉଭୟ ସହରରେ, ବିଶେଷକରି ଯୁବପିଢ଼ି, ଏହି ଖାଦ୍ୟ ପାଇଁ ପ୍ରାୟ ୧୫,୦୦୦ ଟଙ୍କା ଖର୍ଚ୍ଚ କରନ୍ତି । ଫାଷ୍ଟଫୁଡ୍ ଉପରେ ସର୍ବାଧିକ ଖର୍ଚ୍ଚ କରୁଥିବା ୧୦ଟି ଦେଶ ମଧ୍ୟରେ ଭାରତ ଦ୍ୱିତୀୟ ସ୍ଥାନରେ ଅଛି। ସହରାଞ୍ଚଳ ଏବଂ ଯୁବ ବର୍ଗଙ୍କ ଯୋଗୁଁ ଖାଦ୍ୟ ପ୍ରତି ଏହି ପ୍ରେମ ବୃଦ୍ଧି ପାଉଛି।ଖାଦ୍ୟ କେବଳ ପେଟ ଭରିବା ପାଇଁ ନୁହେଁ, ବରଂ ଶରୀରକୁ ସୁସ୍ଥ ରଖିବା ପାଇଁ ଉଦ୍ଦିଷ୍ଟ। ଫାଷ୍ଟଫୁଡ୍ କେବେ କେବେ ସ୍ୱାଦ ପାଇଁ ଖାଇବା ଠିକ୍ ହୋଇପାରେ, କିନ୍ତୁ ଏହାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ବିପଜ୍ଜନକ।

ନୟାଗଡ଼। ୯୪୩୭୪୨୯୪୭

ବିପଜ୍ଜନକ, ଅଧିକ ଅସ୍ୱସ୍ତିକର ଜୀବନ ଘାତକ ବାୟୁମଣ୍ଡଳ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ନୂଆବର୍ଷ ଠାରୁ ହଜାର ବର୍ଷର ସହର କଟକର ବାୟୁ ପ୍ରଦୂଷଣ ଅତ୍ୟନ୍ତ ଅସ୍ୱସ୍ତିକର ଶ୍ରେଣୀରେ ପହଞ୍ଚିଛି। ଆମେ ଜାଣିଛେ ରାଜଧାନୀ ସହର ଦିଲ୍ଲୀରେ ସମ୍ପ୍ରତି ଜୀବନ ମରଣର ସମସ୍ୟାର ରୂପ ନେଇ ଯାହା ପ୍ରତିଭାତ ହୋଇଛି ତାହାହେଉଛି ଅତ୍ୟନ୍ତ ଉଦ୍‌ଗଟ ବାୟୁ ପ୍ରଦୂଷଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତର୍କତାମୂଳକ ପରାମର୍ଶ ଅନୁଯାୟୀ ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ଏକ୍ୟୁଆଇ ସ୍ତର ୬୦ ତଳକୁ ରହିବା ହେଉଛି ମନୁଷ୍ୟର ସ୍ୱାସ୍ଥ୍ୟ ଅନୁକୂଳ। ଯାହା ଦିଲ୍ଲୀରେ ହାରାହାରି ୩୦୦ରୁ ୪୦୦ ମଧ୍ୟରେ ରହୁଛି। ତେବେ ଉଦବେଗଜନକ ପ୍ରସଙ୍ଗ ହେଉଛି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କଟକର ତଥ୍ୟ ଅନୁଯାୟୀ କଟକ ଜିଲ୍ଲାର ବାୟୁ ଗୁଣବତ୍ତା ସନ୍ତୋଷଜନକୁ ମଧ୍ୟମ, ଖରାପ ଓ ଅତି ଖରାପ ସ୍ତରରେ ପହଞ୍ଚିଛି। କ୍ରମାଗତ ଭାବେ କଟକର ଯେଉଁ ବିଷାକ୍ତ ବାୟୁମଣ୍ଡଳ ପ୍ରବାହିତ ହେଉଛି ସେଥିରେ ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନମନୋକ୍ସାଇଡ଼ ପରିମାଣ ବଢ଼ିବାରୁ ଲୋକମାନଙ୍କର ଶ୍ୱାସପ୍ରଶ୍ୱାସ କଷ୍ଟ ଓ ଗଳାରେ ଯନ୍ତ୍ରଣା ପରି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଉଛି। ଏପରିକି ନାକ ନିଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେବା ସହ ଅଣ ନିଶ୍ୱାସ ଲାଗିଲା ଭଳି ସ୍ଥିତି ସୃଷ୍ଟି ହେଉଛି। ସର୍ବଶେଷ ତଥ୍ୟ ଅନୁଯାୟୀ ଜାନୁଆରୀ ୬ ତାରିଖରେ କଟକରେ ପିଏମ୍ ୧୦ ସର୍ବାଧିକ ୧୭୭, ସଲଫର ଡାଇଅକ୍ସାଇଡ଼ ୩୨, ନାଇଟ୍ରୋଜେନ ଡାଇଅକ୍ସାଇଡ଼ ୬୩, କାର୍ବନ ମନୋକ୍ସାଇଡ଼ ୭୪ ଓ ଓଜୋନ ୧୬୩ ରହିଛି। ସରକାର ବାୟୁ ପ୍ରଦୂଷଣ ରୋକିବା ପାଇଁ ଦ୍ୱି-ତନଗରୀ କଟକ-ଭୁବନେଶ୍ୱର, ବାଲେଶ୍ୱର, ଅନୁଗୁଳ ଓ ତାଳଚେରରେ ସାମୁହିକ ଭାବେ ବିଭିନ୍ନ କଟକଣା ଜାରି କରିଛନ୍ତି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ସେକ୍ସନ ୧୬୩ ଅନୁଯାୟୀ ଅନୁଗୁଳ, କଟକ, ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ ତୁରନ୍ତ ବାୟୁର ଗୁଣବତ୍ତା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସରକାରୀ ଭାବେ ନିର୍ଦ୍ଦେଶ ଦିଆଯାଇଛି।

ଆମେ ପୃଥିବୀ ପାଇଁ କ'ଣ କରିଛେ? ଧରାପୃଷ୍ଠ କ'ଣ ଖାଲି ଜନସଂଖ୍ୟା ବିକଶିତ ପାଇଁ? ପୃଥିବୀକୁ ସୁସ୍ଥ ରଖିବାରେ ଆମେ କ'ଣ କରିଛୁ ଏବଂ ଏବେ କ'ଣ କରୁଛୁ? ଏଗୁଡ଼ିକ ଏମିତି କିଛି ପ୍ରଶ୍ନ, ଯାହାର ଉତ୍ତର ଖୋଜିଲେ ଆମେ ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି ଭଳି ଆସନ୍ନ ପ୍ରାକୃତିକ ଦୁର୍ବିପାକକୁ ରୋକିବାରେ ଅନେକାଂଶରେ ସକ୍ଷମ ହୋଇପାରିବା। ପ୍ରକୃତିର କୋପକୁ ଶାନ୍ତ କରିପାରିବା। ଅତୀତକୁ ତ ଆମେ ପରିବର୍ତ୍ତନ କରିପାରିବା ନାହିଁ, କିନ୍ତୁ ବର୍ତ୍ତମାନର କାର୍ଯ୍ୟ ମାଧ୍ୟମରେ ଆମେ ଆମର ଭବିଷ୍ୟତ ପିଢ଼ିକୁ ଏକ ସୁନ୍ଦର ପୃଥିବୀ ଭେଟି ଦେଇପାରିବା, ଯାହା ଆମକୁ ଆମର ପୂର୍ବଜମାନେ ଦେଇଥିଲେ। ଜନସଂଖ୍ୟା ବୃଦ୍ଧି ଯୋଗୁଁ ସେମାନଙ୍କ ଚାହିଦା ପୂରଣ କରିବାକୁ ଯାଇ ଆମେ ପ୍ରକୃତି ଉପର ଦାଉ ସାଧୁଛେ। ଏଥିପାଇଁ ଆମେ ସହରୀକରଣ ଓ ଶିଳ୍ପାୟନର ଦ୍ୱାହି ଦେଉଛେ। ଶିଳ୍ପାୟନ ବା ସହରୀ କରଣ ପାଇଁ ଆମେ ଯେତେ ଗଛ କାଟୁଛେ, ଆମକୁ ତାହାର ୨ରୁ ୩ ଗୁଣା ଗଛ ଅନ୍ୟତ୍ର ଲଗାଇବାକୁ ପଡ଼ିବ। ଅପରପକ୍ଷେ ବିଭିନ୍ନ ବିକଶିତ ଦେଶରେ ବୈଷୟିକ ଜ୍ଞାନକୌଶଳ ସହାୟତାରେ ଏବେ ଗଛକୁ ନକାଟି ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଏହାକୁ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଯଥାଶୀଘ୍ର ଲାଗୁ କରାଯିବା ଉଚିତ। ବିଭିନ୍ନ ଶିଳ୍ପ ସଂସ୍ଥାରୁ ନିର୍ଗତ ବିଷାକ୍ତ କେମିକାଲକୁ ନଦୀନାଳ ଭିଳ ଜଳାଶୟକୁ ଯେପରି ସିଧା ଛଡ଼ା ନଯାଏ ସେଥିପାଇଁ ଯତ୍ନବାନ ହେବାକୁ ପଡ଼ିବ। ଏଥିପାଇଁ ସରକାର ମଧ୍ୟ ଶିଳ୍ପାୟନ ନୀତିରେ ଆହୁରି କଠୋର ନୀତି କରିବା ଜରୁରୀ। ପରିବର୍ତ୍ତନ କରିବା ଜରୁରୀ। ଅପରପକ୍ଷେ ସମୁଦ୍ର ଅସଂଖ୍ୟ ଜଳଚର ଜୀବଙ୍କ ଘର। ତେଣୁ ସମୁଦ୍ରକୁ ଅନାବନା ଆବର୍ଜନା, ପ୍ଲାଷ୍ଟିକ ବସ୍ତୁ କିମ୍ବା ଅପରିଷ୍କାର ବର୍ଜ୍ୟବସ୍ତୁ ଫିଙ୍ଗିବା ଉଚିତ ନୁହେଁ। ଅସଂଖ୍ୟ ଗାଡ଼ିମଟର ଚଳାଚଳ ଯୋଗୁଁ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବଢ଼ି ବାୟୁ ପ୍ରଦୂଷିତ ହେଉଛି। ଅପରପକ୍ଷେ ଏହାଦ୍ୱାରା ପୃଥିବୀପୃଷ୍ଠ ମଧ୍ୟ ଉତ୍ତପ୍ତ ହୋଇ ମେରୁରେ ବରଫ ତରଳି ସମୁଦ୍ରପଉନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଯଥାସମ୍ଭବ କାର, ବାଇକ, ଭଳି ଯାନର କମ ବ୍ୟବହାର ଓ ସାଧାରଣ ପରିବହନ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପଡ଼ିବ। ଗ୍ଲୋବାଲ ୱାର୍ମିଂ ରୋକିବା ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ ହେଉଛି ସୌରଶକ୍ତି, ପବନ ଭଳି ଅକ୍ଷୟଶକ୍ତିକୁ ଅଧିକ ବ୍ୟବହାର କରିବା ଏବଂ ଜୀବାଶ୍ମ ଇନ୍ଧନ ବନ୍ଦ କରିବା।

ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗ୍ରୀନିପିସ ଓ ସର୍ଭେ ସଂସ୍ଥା ଓ୍ୱେଟଲାଣ୍ଡ ଇଣ୍ଟର ନ୍ୟାସନାଲ ସାଉଥ ଏସିଆ ରିପୋର୍ଟ ଅନୁଯାୟୀ ଦେଶର ଯେଉଁ କେତେକ ସ୍ଥାନରେ ମାରାତ୍ମକ ସଲଫର ଡାଇଅକ୍ସାଇଡ଼ ନିର୍ଗମନକାରୀ ଶିଳ୍ପ ସଂସ୍ଥା ରହିଛି, ସେଥିମଧ୍ୟରେ ଝାରସୁଗୁଡ଼ା ସର୍ବାଗ୍ରେ ରହିଛି। ଦେଶର ଶହେ

ଆମେରିକାର ପରବର୍ତ୍ତୀ ଟାର୍ଗେଟ୍ ଇରାନ



ନୂଆଦିଲ୍ଲୀ,୭।୧: ଭେନେଜୁଏଲା ଉପରେ ଆମେରିକାର ହମଲା ପରେ ସମଗ୍ର ବିଶ୍ୱରେ ଉତ୍ତେଜନା ମାହୋଲ ସୃଷ୍ଟି ହୋଇଛି। ଭେନେଜୁଏଲା ଉପରେ ହମଲା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲ୍ୟାଣ୍ଡ, କୋଲମ୍ବିଆ, ନାଇଜେରିଆ ଓ ଇରାନ ସମେତ ଅନେକ ଦେଶକୁ ଖୋଲା ଧମକ ଦେଇଛନ୍ତି। ତାଙ୍କର ଏହି ଧମକ ପରେ ପ୍ରସିଦ୍ଧ ଆମେରିକା ଅର୍ଥଶାସ୍ତ୍ରୀ ଜେଫ୍ରି ସାକ୍ସ ଆମେରିକା ବୈଦେଶିକ ନୀତି ଉପରେ କଡ଼ା ଟିପ୍ପଣୀ କରିଛନ୍ତି। ସେ କହିଛନ୍ତି, ଆମେରିକାରେ ଆଇନ ମାତ୍ର ଏକ କାଳ୍ପନିକ କାହାଣୀରେ ବଦଳି ଯାଇଛି। ସେ ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଆମେରିକା ରାଷ୍ଟ୍ରପତିଙ୍କ ପରବର୍ତ୍ତୀ ନିଶାଣ ଇରାନ ହୋଇପାରେ।

ସୂଚନାଯୋଗ୍ୟ, ସାକ୍ସ ନିକଟରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ନିଜ ପକ୍ଷ ରଖିଥିଲେ। ସେ କହିଛନ୍ତି ଡୋନାଲ୍ଡ ଟ୍ରମ୍ପ ନିୟନ୍ତ୍ରଣରୁ ବାହାରକୁ ଚାଲି ଯାଇଛନ୍ତି। ଆମେରିକା ଏମିତି ଏକ ଡିପ୍ ଷ୍ଟେଟ୍ ସାମରିକ ତନ୍ତ୍ର ଦେଇ ଗତି କରୁଛି, ଯାହା ସମ୍ବିଧାନ ବିରୋଧୀ ଅଟେ। ଇରାନ ଉପରେ ଆମେରିକାର ସମ୍ଭାବିତ ହମଲାକୁ ନେଇ ହୋଇଥିବା ଏକ ପ୍ରଶ୍ନ ଉପରେ କହିଛନ୍ତି, ଯଦି ଆମେରିକା ଇରାନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ନିଏ ତେବେ ପରିସ୍ଥିତି ଭେନେଜୁଏଲାଠୁ ଅଧିକ ଖରାପ ହୋଇପାରେ। ନୂଆ ବର୍ଷ ଠିକ୍ ପୂର୍ବରୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଫ୍ଲୋରିଡାର ମାର ଏ ଲାଗୋରେ ଟ୍ରମ୍ପଙ୍କୁ ଭେଟିଥିଲେ। ଏହି ସମୟରେ ଦୁଇ ନେତା ସଙ୍କେତ ଦେଇଥିଲେ ଯେ, ପରବର୍ତ୍ତୀ ଟାର୍ଗେଟ୍ ଇରାନ ହୋଇପାରେ।

ଜେଫ୍ରି ସାକ୍ସଙ୍କ ଅନୁଯାୟୀ, ଇସ୍ରାଏଲ ଇରାନକୁ ନେଇ ବହୁତ ଆକ୍ରମଣାତ୍ମକ ରହିଛି ଏବଂ ସେଠାକାର ସରକାର ଭାଙ୍ଗିବାକୁ ଚାହୁଁଛି। ସେ କହିଛନ୍ତି, ଆମେରିକା କୌଣସି କାରଣବଶତଃ ଇସ୍ରାଏଲ ଚାପରେ କାମ କରୁଥିବା ପ୍ରତୀତମାନ ହେଉଛି। ଅନେକ ଥର ଆମେରିକା ଲଢେଇ କରୁଛି, ଯେଉଁ ସମୟରେ ଇସ୍ରାଏଲ ଚାହୁଁଛି। ଏହାକୁ ସାକ୍ସ ବହୁତ ଦୟନୀୟ ସ୍ଥିତି ବୋଲି କହିଛନ୍ତି।

ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ମୋଦିଙ୍କ ଫୋନ କଲ

ରଣନୈତିକ ସହଭାଗିତା ନେଇ ଆଲୋଚନା

ନୂଆଦିଲ୍ଲୀ,୭।୧: ବିଶ୍ୱରେ ରଣନୈତିକ ପରିବର୍ତ୍ତନ ବେଶ ବାରିହୋଇ ପଡ଼ୁଛି। ଋଷ ଜାହାଜକୁ ଆମେରିକା ଅଟକାଇବା ପରେ ସ୍ଥିତି ଉଗ୍ରରୂପ ଧାରଣ କରିବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଭେନେଜୁଏଲା ଆକ୍ରମଣ ପରେ ଇରାନକୁ ଟାର୍ଗେଟ କରାଯିବା ଓ ଭେନେଜୁଏଲାର ଉପରାଷ୍ଟ୍ରପତିଙ୍କୁ ଟ୍ରମ୍ପ ଋଷ, ଚାଇନା ଓ ଇରାନ ସହ ଥିବା ତେଲ ସମ୍ପର୍କ କାଟିବା ଲାଗି ଧମକ ଦେବା ପରେ ବିଶ୍ୱ ଏକ ଅନିଶ୍ଚିତ ଦିଗ ଆଡ଼କୁ ଚାଲିଯାଉଥିବା ଅନୁମାନ କରାଯାଇପାରେ। ଇରାନ ଉପରେ ଆକ୍ରମଣ ଲାଗି ଇସ୍ରାଏଲ ଓ ଆମେରିକା ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏହାର ଭିତରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ବୁଧବାର ହଠାତ୍ ଫୋନ୍ କରିଛନ୍ତି। ଏହି କଥାବାର୍ତ୍ତା ସମୟରେ ଦୁଇ ନେତା ରଣନୈତିକ ସହଭାଗିତା ଏବଂ ଆତଙ୍କବାଦ ବିରୋଧୀ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ପୋଷ୍ଟରେ ଏହି ସୂଚନା ଶେୟାର କରିଛନ୍ତି।



ବିଶ୍ୱରେ ବଦଳୁଥିବା ଚିତ୍ର ନେଇ ହେଲା ଆଲୋଚନା

ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏବଂ ଇସ୍ରାଏଲର ଲୋକମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଦୁଇ ନେତା ଆଞ୍ଚଳିକ ପରିସ୍ଥିତି ଉପରେ ମଧ୍ୟ ଆଲୋଚନା କରିଥିଲେ।

ମୋଦି ଲେଖିଛନ୍ତି, 'ମୋର ବନ୍ଧୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ କଥା ହେବା ଏବଂ ଇସ୍ରାଏଲର ଲୋକମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ଏକ ଆନନ୍ଦର କଥା। ଆମେ ଆଗାମୀ ବର୍ଷରେ ଭାରତ-ଇସ୍ରାଏଲ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିଥିଲୁ। ଆମେ ଏହି ଅଞ୍ଚଳର ପରିସ୍ଥିତି ଉପରେ ଆମର ମତ ମଧ୍ୟ ସେୟାର କରିଥିଲୁ ଏବଂ ଆତଙ୍କବାଦକୁ ଆହୁରି ଦୃଢ଼ ଭାବରେ ଲଢ଼ିବା ପାଇଁ ଆମର ସଂକଳ୍ପକୁ ପୁନରାବୃତ୍ତି କରିଥିଲୁ।' ସୂଚନା ଥାଉକି, ଗତ ବର୍ଷ ୧୦ ଡିସେମ୍ବର ୨୦୨୫ରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ଫୋନ୍ ଯୋଗେ କଥା ହୋଇଥିଲେ। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ କରିଥିଲେ ଏବଂ ଉଭୟ ନେତା ଭାରତ-ଇସ୍ରାଏଲ ରଣନୈତିକ ସହଭାଗୀତାରେ ନିରନ୍ତର ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ଏବଂ ନେତାନ୍ୟାହୁ ପାରସ୍ପରିକ ସ୍ୱାର୍ଥ ପାଇଁ ଏହି ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଉଭୟ ନେତା ଆତଙ୍କବାଦକୁ ଦୃଢ଼ ଭାବରେ ନିନ୍ଦା କରିଥିଲେ ଏବଂ ଆତଙ୍କବାଦର ସମସ୍ତ ରୂପ ଏବଂ ପ୍ରକାଶନ ପ୍ରତି କୌଣସି ନମ୍ରତା ପ୍ରଦର୍ଶନ କରିବାର ନୀତିକୁ ଦୋହରାଇଥିଲେ।

ଆମେରିକା ସହ ଯୁଦ୍ଧ ପାଇଁ ପ୍ରସ୍ତୁତି

ଭେନେଜୁଏଲା ନିକଟରେ ଋଷ ଯୁଦ୍ଧଜାହାଜ ଅଟକ



ମସ୍କୋ,୭।୧: ଉତ୍ତର ଆଟଲାଣ୍ଟିକରେ ରୁଷ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏକ ବିବାଦୀୟ ତୈଳ ଟ୍ୟାଙ୍କରର ସୁରକ୍ଷା ପାଇଁ ରୁଷ ସବମେରିନ୍ ଏବଂ ଅନ୍ୟାନ୍ୟ ନୌସେନା ଜାହାଜ ମୁତୟନ କରିଛି। ପୂର୍ବରୁ 'ବେଲା-୧' ନାମରେ ଜଣାଶୁଣା ଏହି ଟ୍ୟାଙ୍କର ଏବେ 'ମାରିନାରା' ନାମରେ ରୁଷ ପତାକା ଲଗାଇ କାର୍ଯ୍ୟ କରୁଛି। ଆମେରିକା ଏହାକୁ ଜବତ କରିବାକୁ ଚେଷ୍ଟା କରି ସଫଳ ହୋଇଛି। ଋଷ ଜାହାଜକୁ ଆମେରିକା ଅଟକ ରଖିବା ପରେ ପରିସ୍ଥିତି ବିଗିଡ଼ି ଯାଇଛି।


ଗତବର୍ଷ ଡିସେମ୍ବରରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ସରକାରଙ୍କ ଉପରେ ଚାପ ବୃଦ୍ଧି କରିବା ପାଇଁ 'ଛାୟା ନୌବାହିନୀ' ଉପରେ କଟକଣା ଲଗାଇଥିଲେ। ଏହି ନୌବାହିନୀ ପୁରୁଣା, ଅସ୍ପଷ୍ଟ ମାଲିକାନାରେ ଥିବା ଟ୍ୟାଙ୍କରଗୁଡ଼ିକୁ ନେଇ ଗଠିତ। ଏହା ଗୁପ୍ତ ଭାବରେ ଇରାନ, ରୁଷ ଏବଂ ଭେନେଜୁଏଲାର ଚୋରା ତେଲ ପରିବହନ କରିଥାଏ। ଏହି ଜାହାଜଗୁଡ଼ିକ ପ୍ରାୟତଃ ସେମାନଙ୍କର ସ୍ୱୟଂଚାଳିତ ଚିହ୍ନଟ ପ୍ରଣାଳୀ ଟ୍ରାକିଂ ସିଷ୍ଟମ ବନ୍ଦ କରିଦିଏ କିମ୍ବା ନକଲି ସ୍ଥାନ ପ୍ରଦର୍ଶନ କରେ। ଛାୟା ନୌବାହିନୀରେ ରୁଷର ଅର୍ଥନୀତିକୁ ସମର୍ଥନ କରୁଥିବା ଶହ ଶହ ଜାହାଜ ଅନ୍ତର୍ଭୁକ୍ତ ଅଛନ୍ତି।

ରୁଷ ଏହି କାର୍ଯ୍ୟକୁ ପ୍ରତିବାଦ କରିଥିଲା ଏବଂ ଆମେରିକାର କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଦାବି କରିଥିଲା। ଯେତେବେଳେ ଆମେରିକା ପକ୍ଷକୁ ହଟିଲା ନାହିଁ, ରୁଷ ଜାହାଜକୁ ସୁରକ୍ଷା ଦେବା ପାଇଁ ବୁଡ଼ାଜାହାଜ ଏବଂ ଅନ୍ୟାନ୍ୟ ନୌସେନା ଜାହାଜ ପଠାଇଥିଲା। ଏହି ପଦକ୍ଷେପ ରୁଷ-ଆମେରିକା ସମ୍ପର୍କରେ ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରୁଛି। ରିପୋର୍ଟ ଅନୁଯାୟୀ, ଟ୍ୟାଙ୍କର ବର୍ତ୍ତମାନ ଆଇସଲ୍ୟାଣ୍ଡରୁ ପ୍ରାୟ ୩୦୦ ମାଇଲ ଦକ୍ଷିଣରେ ଅଛି ଏବଂ ମୁର୍ମାନ୍ସ୍କ ବନ୍ଦର ଆଡକୁ ମୁହାଁଇଛି। ବିଶେଷଜ୍ଞମାନଙ୍କ ଅନୁସରେ ଅନ୍ତର୍ଜାତୀୟ ଜଳସୀମାରେ ଏକ ରୁଷ ପତାକାଧାରୀ ଜାହାଜ ବିରୋଧରେ ଆମେରିକାର କାର୍ଯ୍ୟାନୁଷ୍ଠାନ କଷ୍ଟକର। ଯଦି ଆମେରିକା ଏହି କ୍ଷେତ୍ରରେ ପ୍ରବେଶ କରେ, ତେବେ ଏହା ଏକ ଗମ୍ଭୀର ମୁକାବିଲାର କାରଣ ହୋଇପାରେ। ଛାୟା ନୌସେନା ଏବେ ରୁଷ ପତାକା ଲଗାଇ ପ୍ରତିବନ୍ଧକରୁ ରକ୍ଷା ପାଇବାକୁ ଚେଷ୍ଟା କରୁଛି। ଏହା ଦର୍ଶାଉଛି ଯେ, ବିଶ୍ୱ ପ୍ରତିବନ୍ଧକ ଯୁଦ୍ଧ ଏବେ ଖୋଲାଖୋଲି ଭାବରେ ସମୁଦ୍ରରେ ଲଢ଼ାଯାଉଛି। ବର୍ତ୍ତମାନ, ଉଭୟ ଦେଶ ସତର୍କ ଅଛନ୍ତି, କିନ୍ତୁ କୌଣସି ସିଧାସଳଖ ସଂଘର୍ଷ ହୋଇନାହିଁ।

● ଆମେରିକାକୁ ତେଲ ଚିନ୍ତା


ଭେନେଜୁଏଲାରୁ ୫ କୋଟି ବ୍ୟାରେଲ ତେଲ କିଣିବେ ଟ୍ରମ୍ପ

ନ୍ୟୁୟର୍କ, ୭।୧ : ଆକ୍ରମଣ ପରେ ତେଲ କିଣିବେ ଟ୍ରମ୍ପ୍। ବେନେଜୁଏଲା ରାଷ୍ଟ୍ରପତିଙ୍କ ଘରେ ଏୟାର ଷ୍ଟ୍ରାଇକ୍ କରି ଅପହରଣ କରିବା ପରେ ଏବେ ଭେନେଜୁଏଲା ତେଲ ଉପରେ ଡୋନାଲ୍ଡ ଟ୍ରମ୍ପଙ୍କ ଆଖି ପଡିଛି। ଭେନେଜୁଏଲା ଆମେରିକାକୁ ୩୦ ରୁ ୫୦ ମିଲିୟନ ବ୍ୟାରେଲ୍ ତେଲ ବିକ୍ରି କରିବ ବୋଲି ଟ୍ରମ୍ପ୍ କହିଛନ୍ତି। ତେବେ ଏ ସମସ୍ତ ବେଷ୍ଟ୍ କ୍ୱାଲିଟିର ତୈଳକୁ ବଜାର ମୂଲ୍ୟରେ କ୍ରୟ କରାଯିବ। ଟ୍ରମ୍ପ୍ କହିଛନ୍ତି ଯେ, ସେ ଶକ୍ତି ସଚିବ କ୍ରିସ୍ ରାଇଟଙ୍କୁ ତେଲ କିଣିବା ନେଇ କହି ସାରିଛନ୍ତି। ଖୁବ୍ ଶୀଘ୍ର ଏନେଇ ଯୋଜନା ପ୍ରସ୍ତୁତ ହେବ। ଜାହାଜ ସାହାଯ୍ୟରେ ଭେନେଜୁଏଲାରୁ ତେଲ ଆମେରିକା ଆସିବ। ସିଧାସଳଖ ଭାବେ ୟୁଏସ ବନ୍ଦରରେ ଏହା ପହଞ୍ଚିବ। ତେବେ ଆମେରିକାର ଆର୍ଥିକ ବ୍ୟବସ୍ଥା ତାଙ୍କ ନିୟନ୍ତ୍ରଣରେ ରହିଛି। ଏହାକୁ ଭେନେଜୁଏଲା ଏବଂ ଆମେରିକାୟଙ୍କ ବିକାଶ ପାଇଁ ବ୍ୟବହାର କରାଯିବ। ପୂର୍ବରୁ ଶନିବାର ହ୍ୱାଇଟ୍ ହାଉସ୍ ପକ୍ଷରୁ ଏକ ବୈଠକ ବସିଥିଲା। ଏଥିରେ ଦେଶର ତୈଳ ଆମଦାନୀ ରପ୍ତାନୀ ବାବଦରେ ଆଲୋଚନା ହୋଇଥିଲା। କିପରି ଦେଶରେ ପେଟ୍ରୋଲ-ଡିଜେଲ ଆଦି ତୈଳକୁ ସୁତାର ରୂପେ ଦେଶର ଆର୍ଥିକ ବିକାଶରେ ବ୍ୟବହାର କରାଯାଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା।



ଭୂମିକମ୍ପରେ ଥରିଲା ଫିଲିପାଇନ୍ସ


● ରିକ୍ଟର ସ୍କେଲରେ ତୀବ୍ରତା ୬.୭



ମାନିଲା, ୭।୧: ଭୂମିକମ୍ପରେ ଥରିଲା ଫିଲିପାଇନ୍ସ। ବୁଧବାର ସକାଳେ ଫିଲିପାଇନ୍ସରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ହେଉଛି ୬.୭। ତେବେ ଏହାକୁ ନେଇ କୌଣସି ସୁନାମି ସତର୍କତା ଜାରି କରାଯାଇନାହିଁ। ରିପୋର୍ଟ ଅନୁସାରେ, ବୁଧବାର ସକାଳେ ହଠାତ ଫିଲିପାଇନ୍ସରେ ଝଟକା ଅନୁଭୂତ ହୋଇଥିଲା। ଭୟରେ ଲୋକେ ଘରୁ ବାହାରି ପଡିଥିଲେ। ଏହାସହ କିଛି ଘର ଏବଂ କୋଠା କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ତେବେ କେହି ମୃତାହତ ହୋଇଛନ୍ତି ନା ନାହିଁ ସେନେଇ କୌଣସି ସୂଚନା ମିଳିପାରି ନାହିଁ। ଡିସେମ୍ବର ୨୭ ତାରିଖରେ ତାଇୱାନରେ ଶକ୍ତିଶାଳୀ ଭୂମିକମ୍ପର ଝଟକା ଲାଗିଥିଲା। ଉତ୍ତର-ପୂର୍ବ ଉପକୂଳବର୍ତ୍ତୀ ସହର ୟିଲାନରେ ଭୂମିକମ୍ପର ପ୍ରବଳ ଝଟକା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ତୀବ୍ରତା ୭.୦ ରେକର୍ଡ କରାଯାଇଥିଲା। ଭୂମିକମ୍ପର ତୀବ୍ରତା ଏତେ ଅଧିକ ଯେ, ବଡ଼ ବଡ଼ ଅଟ୍ଟାଳିକା ଦୋହଲିଯାଇଥିଲା।

ବାଂଲାରେ ହିନ୍ଦୁଙ୍କ ଉପରେ ଆକ୍ରମଣ ନେଇ ମୁହଁଖୋଲିଲେ ତୋଗାଡ଼ିଆ

ଭାରତୀୟ ସୈନିକଙ୍କ ବଳିଦାନ ଭୁଲିଯାଅନି



ନୂଆଦିଲ୍ଲୀ,୭।୧: ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ବଢୁଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ଆଜି ଅନ୍ତର୍ଜାତୀୟ ହିନ୍ଦୁ ପରିଷଦର ସଭାପତି ଡକ୍ଟର ପ୍ରବୀଣ ତୋଗାଡ଼ିଆ କଡା ମନ୍ତବ୍ୟ ଦେଇଛନ୍ତି। ସେ ବାଂଲାଦେଶ, ଲଭ୍ ଜିହାଦ ଏବଂ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ସମ୍ପର୍କରେ କଡ଼ା ବୟାନ ଦେଇଥିଲେ। ସେ ଏହା ମଧ୍ୟ କହିଥିଲେ ଯେ କୌଣସି ହିନ୍ଦୁ ଝିଅକୁ ଲଭ୍ ଜିହାଦର ଶିକାର ହେବାକୁ ଦିଆଯିବ ନାହିଁ। ଡକ୍ଟର ପ୍ରବୀଣ ତୋଗାଡ଼ିଆ ଅଭିଯୋଗ କରିଥିଲେ ଯେ, ବାଂଲାଦେଶରେ ହିନ୍ଦୁମାନଙ୍କୁ ନିରନ୍ତର ନିର୍ଯାତନା ଦିଆଯାଉଛି। ସେ କହିଥିଲେ ଯେ, ବାଂଲାଦେଶ ଭାରତୀୟ ସୈନିକଙ୍କ ବଳିଦାନ ଦ୍ୱାରା ସୃଷ୍ଟି ହୋଇଥିବା ଏକ ଦେଶ, ତଥାପି ସେଠାରେ ହିନ୍ଦୁମାନଙ୍କ ସହିତ ଅନ୍ୟାୟ କରାଯାଉଛି। ସେ ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ଚାପ ପ୍ରୟୋଗ କରିବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ। ଲଭ୍ ଜିହାଦ ପ୍ରସଙ୍ଗରେ କଥା ହୋଇ ପ୍ରବୀଣ ତୋଗାଡ଼ିଆ କହିଥିଲେ ଯେ, ତାଙ୍କ ସଂଗଠନ କୌଣସି ହିନ୍ଦୁ ଝିଅକୁ ଲଭ୍ ଜିହାଦର ଶିକାର ହେବାକୁ ଦେବ ନାହିଁ। ଏହି ପ୍ରସଙ୍ଗରେ ସମାଜକୁ ଏକଜୁଟ କରି ଏକ ସଚେତନତା ଅଭିଯାନ ଚାଲିଛି। ଲଭ୍ ଜିହାଦ ପ୍ରସଙ୍ଗରେ, ସେ ଝିଅମାନଙ୍କୁ ସୁରକ୍ଷା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଭେନେଜୁଏଲାର ରାଷ୍ଟ୍ରପତି ହେବାକୁ ଇଚ୍ଛା

ଟ୍ରମ୍ପଙ୍କୁ ମନାଉଛନ୍ତି ନୋବେଲ ବିଜେତା ମାଚାଡୋ

ନୂଆଦିଲ୍ଲୀ,୭।୧: ନିକୋଲାସ୍ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କ ଗିରଫଦାରୀ ପରେ ବିରୋଧୀ ନେତା ଏବଂ ନୋବେଲ ଶାନ୍ତି ପୁରସ୍କାର ବିଜେତା ମାରିଆ କୋରିନା ମାଚାଡୋଙ୍କ ବୟାନ ସାରା ବିଶ୍ୱରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିରୋଧୀ ଦଳ ଭେନେଜୁଏଲାରେ କ୍ଷମତା ଦଖଲ କରିବାକୁ ସକ୍ଷମ ବୋଲି ସେ କହିଛନ୍ତି। ସୋମବାର ଭେନେଜୁଏଲାର ଉପରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ ଅନ୍ତରୀଣ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ। ଶନିବାର ଟ୍ରମ୍ପ ମାଚାଡୋଙ୍କ ସହ କାମ କରିବାକୁ ମନା କରି କହିଥିଲେ ଯେ, ତାଙ୍କର ଦେଶ ଭିତରେ ସମର୍ଥନ କିମ୍ବା ସମ୍ମାନ ନାହିଁ। ଆମେରିକା ରାଷ୍ଟ୍ରପତିଙ୍କ ବୟାନ ପରେ, ମାଚାଡୋ ଏବେ ଟ୍ରମ୍ପଙ୍କୁ ମନାଇବାକୁ ଚେଷ୍ଟା କରିଛନ୍ତି। ମାଚାଡୋ କହିଛନ୍ତି ଯେ, ସେ ତାଙ୍କର ନୋବେଲ ଶାନ୍ତି ପୁରସ୍କାର ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଉତ୍ସର୍ଗ କରିବାକୁ ଚାହାଁନ୍ତି। ମାଚାଡୋ ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କୁ ଟାର୍ଗେଟ କରି କହିଛନ୍ତ ଯେ, ସେ ସରକାରର ନେତୃତ୍ୱ ନେବା ପାଇଁ ଅଯୋଗ୍ୟ। ସେ କହିଛନ୍ତି, 'ଡେଲସି ଦୁର୍ନୀତି ଏବଂ ନିଶା କାରବାରର ଜଣେ ମାଷ୍ଟରମାଇଣ୍ଡ। ସେ ରୁଷ, ଚୀନ୍ ଏବଂ ଇରାନର ଅତ୍ୟନ୍ତ ନିକଟତର ଏବଂ ଅନ୍ତର୍ଜାତୀୟ ନିବେଶକମାନେ ତାଙ୍କୁ ବିଶ୍ୱାସ କରନ୍ତି ନାହିଁ। ଭେନେଜୁଏଲାର ଲୋକମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି।



ଟ୍ରମ୍ପଙ୍କ ବିରୋଧରେ କାନାଡ଼ାର ବିଦ୍ରୋହ

ଓଟୱା,୭।୧: ଗ୍ରୀନଲ୍ୟାଣ୍ଡ ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ମନ୍ତବ୍ୟ ପରେ, ଆଉ ଜଣେ ଆମେରିକା ସହଯୋଗୀ ଏହି ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ଘୋଷଣା କରିଛି। ଡେନମାର୍କକୁ ସମର୍ଥନ କରି କାନାଡା ଆମେରିକା ବିରୋଧରେ ନିଜର ସ୍ଥିତି ସ୍ପଷ୍ଟ କରିଛି। କାନାଡାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଗ୍ରୀନଲ୍ୟାଣ୍ଡର ରାଜଧାନୀ ନୁଉକ ଗସ୍ତ କରିବା ପାଇଁ ଏବଂ ସେଠାରେ ଏକ କାନାଡା କନସୁଲେଟ୍ ଖୋଲିବା ଘୋଷଣା କରିଛନ୍ତି। ଅନିତା ଆନନ୍ଦଙ୍କ ଗସ୍ତକୁ ଟ୍ରମ୍ପଙ୍କ ଗ୍ରୀନଲ୍ୟାଣ୍ଡ ଉପରେ ନିୟନ୍ତ୍ରଣ ଦାବିର ସିଧାସଳଖ ପ୍ରତିରୋଧ ଭାବରେ ଦେଖାଯାଉଛି। ସେ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି. ସେ ଆଗାମୀ ସପ୍ତାହ ମଧ୍ୟରେ ନୁଉକ ଗସ୍ତ କରିବେ ଏବଂ ସେଠାରେ ଏକ କାନାଡିଆନ୍ କନସୁଲେଟ୍ ଖୋଲିବେ। ସେ କହିଛନ୍ତି, ଏହି ପଦକ୍ଷେପ ଡେନମାର୍କର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ସମର୍ଥନର ଏକ ଦୃଢ଼ ସଙ୍କେତ। ସେ କହିଛନ୍ତି, କାନାଡା ଗ୍ରୀନଲ୍ୟାଣ୍ଡ ଏବଂ ଡେନମାର୍କ ସହିତ ନିଜର ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଚାହୁଁଛି। ଯଦି ଆମେରିକା ଗ୍ରୀନଲ୍ୟାଣ୍ଡ ବିରୋଧରେ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଏହା ନାଟୋ ଏକତା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଡେନମାର୍କ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମାର୍କ କାର୍ନି କହିଛନ୍ତି, କାନାଡା ଏବଂ ଡେନମାର୍କ କେବଳ ସହଯୋଗୀ ରାଷ୍ଟ୍ର ନୁହନ୍ତି ବରଂ ଆର୍କଟିକର ସୁରକ୍ଷା ପାଇଁ ମଧ୍ୟ ଏକ ମିଳିତ ଦାୟିତ୍ୱ ବାଣ୍ଟିଛନ୍ତି। କାର୍ନି ସ୍ପଷ୍ଟ କରିଛନ୍ତି, କାନାଡା ସବୁବେଳେ ଗ୍ରୀନଲ୍ୟାଣ୍ଡ ସମେତ ଡେନମାର୍କର ସାର୍ବଭୌମତ୍ୱକୁ ସମର୍ଥନ କରିବ।

ବୁଲା କୁକୁର ପ୍ରେମୀଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

କୁକୁଡ଼ା, ଛେଳିଙ୍କର କ'ଣ ଜୀବନ ନାହିଁ?



ନୂଆଦିଲ୍ଲୀ,୭।୧: ବୁଲା କୁକୁର ସମସ୍ୟା ସମ୍ବନ୍ଧୀୟ ଆବେଦନଗୁଡ଼ିକର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କ

୬୯ତମ ଜାତୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ ପ୍ରତିଯୋଗିତା

ଓଡ଼ିଶା ଛାତ୍ରଛାତ୍ରୀଙ୍କ ଐତିହାସିକ ସଫଳତା



ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ): ଝାଡ଼ଖଣ୍ଡର ରାଞ୍ଚି ଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା ।

ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ୪ ଟି ସ୍ୱର୍ଣ୍ଣ ପଦକ ଆଣିଛନ୍ତି ବିଦ୍ୟାଳୟର ଛାତ୍ରଛାତ୍ରୀ।

୬ ଜାନୁଆରୀ ୨୦୨୬ ରୁ ୧୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ରାଞ୍ଚି ଠାରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ଓଡ଼ିଶାରୁ ମୋଟ୍ ୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ୧୧ ଜଣ ବାଳିକା ଓ ୭ ଜଣ ବାଳକ ସାମିଲ୍ ଥିଲେ।

ମୟୂରଭଞ୍ଜ ଜିଲ୍ଲାର ବାରିପଦା ସ୍ଥିତ ୟୁଜିପି ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୋହିତ କୁମାର ମାରାଣ୍ଡି ୩୦ ମିଟର ଦୂରତା (ଇଣ୍ଡିଆନ ରାଉଣ୍ଡ ଓ ୩୦ ମିଟର ଦୂରତା ଓଲିମ୍ପିକ ରାଉଣ୍ଡରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ, ମିକ୍ସ ଟିମ୍ ରାଉଣ୍ଡରେ ସେ ଭୁବନେଶ୍ୱର କିସ୍ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ରେଶମା ମଲ୍ଲିକଙ୍କ ସହ ରୋହିତ କୁମାର ମାରାଣ୍ଡି ଆଉ ଗୋଟିଏ ସ୍ୱର୍ଣ୍ଣ ପଦକ ହାସିଲ୍ କରିଛନ୍ତି। ରୋହିତ କୁମାର ମାରାଣ୍ଡି ସମୁଦାୟ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରେଶମା ମଲ୍ଲିକ ଗୋଟିଏ ସ୍ୱର୍ଣ୍ଣ ପଦକ ରାଜ୍ୟ ପାଇଁ ଆଣିଦେଇଛନ୍ତି। ଏହି ସଫଳତା ଓଡ଼ିଶାର ବିଭିନ୍ନ ବିଦ୍ୟାଳୟର ଥିବା ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

ଜାତୀୟ ଫୁଟସାଲ୍ ପ୍ରତିଯୋଗିତା

ଓଡ଼ିଶା ଦଳର ଦିଲ୍ଲୀ ଯାତ୍ରା



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଆଜିଠାରୁ ହରିଆନାର ଫରିଦାବାଦସ୍ଥିତ ମାନବ ରଚନା ବିଶ୍ୱବିଦ୍ୟାଳୟରେ ସ୍ପେଶିଆଲ ଅଲିମ୍ପିକ୍ ଭାରତ ଜାତୀୟ ଫୁଟ୍‌ସାଲ ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ଏଥିରେ ଭାଗ ନେବା ସକାଶେ ଏଠାରୁ ଏକ ୧୬ଜଣିଆ ଓଡ଼ିଶା ଦଳ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହି ପ୍ରତିଯୋଗିତାରୁ ୨୦୨୬ରେ ଚିଲିରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଗ୍ରୀଷ୍ମକାଳୀନ ପ୍ରତିଯୋଗିତା ନିମନ୍ତେ ଭାରତୀୟ ଦଳ ଚୟନ କରାଯିବ। ଆଜି ଗସ୍ତ କରିଥିବା ଓଡ଼ିଶା ମହିଳା ଦଳରେ ବରପାଲିର ଦୀପିକା କୁମ୍ଭାର ଓ ସୀମା ପଟେଲ, ଖୋର୍ଦ୍ଧାର ଝରଣା ଦାସ, କଟକର ମୀନା ରାଓ, କେନ୍ଦୁଝରର ବାସନ୍ତୀ ମହନ୍ତ ଓ ସୋନାଲି ନାୟକ ରହିଥିବା ବେଳେ ବରପାଲିର ବିବେଶିଖା ବେହେରା ଓ କଟକର ସସ୍ମିତା ରାଉତରାୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ସେହିଭଳି ପୁରୁଷ ଦଳରେ ଖୋର୍ଦ୍ଧାର ରଞ୍ଜିତ ଖୁଣ୍ଟିଆ ଓ ଦଧିଚି, କଟକର ମହମ୍ମଦ ୱାସିମ୍ ଆକ୍ରମ୍, ନିମାପଡ଼ାର ଇନ୍ଦ୍ରମଣି କାଞ୍ଜି, ସୋନପୁରର ଶ୍ୱେତରାଜ ସାମଲ, ଆଠଗଡ଼ର ଆଶୁତୋଷ ପଟ୍ଟନାୟକ ଖେଳାଳି ଭାବେ ଓ ଖୋର୍ଦ୍ଧାର ନିରଜ୍ ସିଂହ ଓ ସୋନପୁରର ତ୍ରିନାଥ ସାମଲ ପ୍ରଶିକ୍ଷକ ଭାବେ ଯାତ୍ରା କରିଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ଏହି ଯାତ୍ରାର ପ୍ରାୟୋଜକ ଥିବା ବେଳେ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକ ଦଳକୁ ଶୁଭେଚ୍ଛା ଦେଇଛନ୍ତି। ଏହାଛଡ଼ା ସ୍ପେଶିଆଲ୍ ଅଲିମ୍ପିକ୍ସ ଭାରତ ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ରଥ, ଅଧକ୍ଷା ସୁନୀତା ମୁଣ୍ଡ, ଉପାଧକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ ପ୍ରକଳ୍ପ ସଂଯୋଜକ ଅର୍ପିତା ମହାପାତ୍ର, ମନସ୍ତତ୍ୱବିତ ମନତୋଷ ବେହେରା ଓ ଅନ୍ୟ ସମସ୍ତ ବୋର୍ଡ ସଦସ୍ୟ ଓଡ଼ିଶା ଦଳର ଭଲ ପ୍ରଦର୍ଶନ କାମନା କରିଛନ୍ତି।

ଗାଡ଼ିରୁ ହଜାରେରୁ ଊର୍ଦ୍ଧ୍ୱ କଟାଗୋରୁ ମୁଣ୍ଡ ଜବତ

ରାଇରଙ୍ଗପୁର,୭।୧(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳରେ ବେଆଇନ୍ ଗୋ ଚାଲାଣ ଓ ଗୋ ହତ୍ୟା ନେଇ ବହୁଦିନରୁ ଅଭିଯୋଗ ହୋଇଆସୁଛି। ଏନେଇ ପୁଲିସ ମଧ୍ୟ ବାରମ୍ବାର ଧରପଗଡ଼ କରିଥିଲେ ବି ଦୁବୃର୍ତ୍ତମାନେ ଖାତିର କରୁନାହାନ୍ତି। ଆଜି ଏକ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହେଲା ପରେ ଏକ ଅଭାବନୀୟ ଘଟଣା ଘଟିଛି, ଯାହା ପ୍ରତ୍ୟକ୍ଷଦର୍ଶୀଙ୍କୁ ସ୍ତବ୍ଧ କରିଦେଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଦୁଆଣି ନିକଟରେ ଏକ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଓଲଟିବା ପରେ ଭ୍ୟାନରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଲେ। ପରବର୍ତ୍ତୀ ସମୟରେ ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ୍‌ରୁ ଚୋରା ଚାଲାଣ ହେଉଥିବା ଗୋରୁ ଚମଡ଼ା ଓ ହଜାରେରୁ ଊର୍ଦ୍ଧ୍ୱ କୋଟା ଗୋରୁ ମୁଣ୍ଡ ବାହାରିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲା।

୧ରୁ ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି, ୭।୧(ସଂଚାର ବ୍ୟୁରୋ): ସର୍ବସମ୍ମତି କ୍ରମେ ପାଳନ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ଲୋକ ମହୋତ୍ସବ ମାଲ୍ୟବନ୍ତ। ଆଜି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ମାଲ୍ୟବନ୍ତ ମହୋତ୍ସବ ଆୟୋଜନ ନିମନ୍ତେ ତାରିଖ ଧାର୍ଯ୍ୟ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃଆରି ୧ ରୁ ୫ ମଧ୍ୟରେ ମାଲ୍ୟବନ୍ତ ମହୋତ୍ସବ ପାଳନ କରାଯିବା ନିମନ୍ତେ ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ମହୋତ୍ସବ ସ୍ଥାନୀୟ ଡିଏନକେ ପଡିଆ ଠାରେ ଆୟୋଜନ କରାଯିବ। ମହୋତ୍ସବରେ ଅଧିକ ସିସିଟିଭି ଖଞ୍ଜା ଯାଇ ସମସ୍ତ ପ୍ରକାର ଗତିବିଧି ଉପରେ କଡ଼ା ନଜର ରଖାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ତା ସହିତ ଯଦି କୌଣସି ବ୍ୟକ୍ତି ଗୁଜବ କିମ୍ବା ଅପପ୍ରଚାର କରି ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରୟାସ କରିବେ, ସେମାନଙ୍କ ବିରୁଦ୍ଧରେ ଜାତୀୟ ସୁରକ୍ଷା ଆଇନ ଆଧାରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥି ପ୍ରତି ସଜାଗ ରହିବାକୁ ସମସ୍ତଙ୍କୁ ସତର୍କ କରାଯାଇଛି।

ପାରିବାରିକ ଶତ୍ରୁତା, ଯୁବକଙ୍କୁ ହତ୍ୟା

ପାଟଣାଗଡ଼,୭।୧ (ସଂଚାର ବ୍ୟୁରୋ): ଦୁଇଟି ପରିବାର ମଧ୍ୟରେ ଉପୁଜିଥିବା ଝଗଡ଼ା ଉଗ୍ରରୂପ ନେଇଛି। ଏଥିରେ ଉତ୍ତେଜିତ ଗୋଟିଏ ପରିବାର ବିରୋଧୀଙ୍କ ଉପରେ ବଡ଼ ଧରଣର ଆକ୍ରମଣ କରିଛନ୍ତି, ଯେଉଁଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଅଧୀନ ସମଲେସର ଗ୍ରାମରେ ଆଜି ଅପରାହ୍ଣରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ ରମାକାନ୍ତ ବାଗ। ସୂଚନା ଅନୁସାରେ ସମଲେସର ଗାଁରେ ଆଜି ସନ୍ଧ୍ୟାରେ ରମାକାନ୍ତ ବାଗ ଓ ତାଙ୍କର ବିରୋଧରେ ଥିବା ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ଅଳ୍ପ ସମୟ ମଧ୍ୟରେ ଏହା ଉଗ୍ରରୂପ ନେଇଥିଲା। ରମାକାନ୍ତଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା।

ଅଭିଯୁକ୍ତମାନେ ତାଙ୍କର ହାତ ଗୋଡ଼ କାଟି ଦେଇଥିଲେ। ଏହି ହତ୍ୟାକାଣ୍ଡ ସଂପର୍କିତ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରମାକାନ୍ତଙ୍କୁ ମୁମୁର୍ଷୁ ଅବସ୍ଥାରେ ଉଦ୍ଧାର କରି ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରିଛି। ପୋଷ୍ଟମର୍ଟମ ପାଇଁ ପଠାଇଛି। ଝଗଡ଼ା ଓ ହତ୍ୟାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ପୁଲିସ ମାମଲା ରୁଜୁ କରି ଗ୍ରାମରେ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

'ଅଟଳ ବନ'କୁ ଉଦଘାଟନ କଲେ ପୂର୍ବତନ ଉପରାଷ୍ଟ୍ରପତି



ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ): ଭାରତର ପୂର୍ବତନ ଉପରାଷ୍ଟ୍ରପତି ଏମ. ଭେଙ୍କେୟା ନାଇଡୁ ବୁଧବାର ଲୋକଭବନ ଭୁବନେଶ୍ୱର ପରିସରରେ ନୂତନ ଭାବେ ବିକଶିତ ପରିବେଶ ଉଦ୍ୟାନ 'ଅଟଳ ବନ'ର ଉଦଘାଟନ କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣରେ ତାଙ୍କର ମହନୀୟ ଅବଦାନକୁ ସମ୍ମାନ ଜଣାଇ ଏହି ପାର୍କକୁ ତାଙ୍କ ନାମରେ ନାମିତ କରାଯାଇଛି।

ଓଡିଶାର ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି, ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି, ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ସମାରୋହରେ ଯୋଗ ଦେଇଥିଲେ।

ଆଉ ଜଣେ ବିଏଲ୍‌ଓଙ୍କ ମୃତ୍ୟୁ



କୋଲକାତା,୭।୧(ସଂଚାର ବ୍ୟୁରୋ): ରାଜ୍ୟରେ ଆଉ ଜଣେ ବିଏଲ୍‌ଓଙ୍କର ଏସ୍‌ଆଇଆର୍‌ର ଦାୟିତ୍ୱ ତୁଲାଉଥିବା ସମୟରେ ମୃତ୍ୟୁ ଘଟିଛି। ପରିବାର ଦାବି କରିଛନ୍ତି ଯେ, କାମର ଚାପ ସହ ଅସୁସ୍ଥତା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ଘଟଣାଟି ମାଲଦାର ଇଂରାଜୀ ବଜାର ପୌରସଭାର ଫୁଲବାଡି ପାକୁରତଲା ଅଞ୍ଚଳରେ ଘଟିଛି। ମୃତକଙ୍କ ନାମ ସଞ୍ଜିତା ଚୌଧୁରୀ ସାନ୍ୟାଲ (୪୮)। ସେ ପାକୁରତଲା ଅଞ୍ଚଳର ବାସିନ୍ଦା। ପେଶାରେ ସେ ଜଣେ ଆଇସିଡିଏସ୍ କର୍ମଚାରୀ। ସେ ଇଂରାଜୀ ବଜାର ପୌରସଭା ଅଞ୍ଚଳର ୧୫ ନମ୍ବର ୱାର୍ଡର ୧୬୩ ନମ୍ବର ବୁଥ୍‌ରେ ବିଏଲ୍‌ଓ ଦାୟିତ୍ୱରେ ଥିଲେ। ମୃତକଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି ଯେ ସଞ୍ଜିତା ଦେବୀ ଏସ୍‌ଆଇଆର୍ ପାଇଁ ବହୁତ କାମ କରୁଥିଲେ। ଗତ କିଛି ଦିନ ଧରି ପ୍ରବଳ ଶୀତ ଯୋଗୁଁ ସଞ୍ଜିତା ଦେବୀ ଅସୁସ୍ଥ ହୋଇପଡ଼ିଥିଲେ। ସେ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ତାଙ୍କୁ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ବିଶ୍ରାମ ନେବାକୁ କହିଥିଲେ। କିନ୍ତୁ ଏସ୍‌ଆଇଆର୍ କାମ ଭାର ଅଧିକ ଥିଲା। ଫଳସ୍ୱରୂପ, ତାଙ୍କ ସ୍ତ୍ରୀ ଆହୁରି ଅସୁସ୍ଥ ହୋଇପଡ଼ିଥିଲେ ବୋଲି ମୃତକଙ୍କ ସ୍ୱାମୀ ଅର୍ଦ୍ଧେନ୍ଦୁ ଚୌଧୁରୀ ଅଭିଯୋଗ କରିଛନ୍ତି।

ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ପ୍ରତିଷ୍ଠା ଦିବସ

୮୬ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୪୦ତମ ପ୍ରତିଷ୍ଠା ଦିବସ ଆଜି ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଡ. ଦେବଜାନୀ ଭୂୟାଁ, ଉପନିର୍ଦ୍ଦେଶକ ଡ. ସ୍ମିତା ମହାନ୍ତି, ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଅନନ୍ୟା ତ୍ରିପାଠୀ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଭାପତି ଜନାବ୍ ଖାଲିଦ୍ ରହିମ୍ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଓଡ଼ିଶାରେ ଉର୍ଦ୍ଦୁ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଥମ ବର୍ଷର ମୋଟ ୮୬ ଜଣ ଛାତ୍ରଛାତ୍ରୀ (ଯେଉଁମାନେ ମାତୃଭାଷା ଉର୍ଦ୍ଦୁ ସାହିତ୍ୟ ରଖି ପାଠ ପଢୁଛନ୍ତି)ଙ୍କୁ ଯଥାକ୍ରମେ ୫ ହଜାର, ୬ ହଜାର ଏବଂ ୮ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏଥିସହ ଉର୍ଦ୍ଦୁ, ହିନ୍ଦୀ ଓ ଓଡ଼ିଆ ଭାଷାର କବିମାନଙ୍କୁ ନେଇ ଏକ ତ୍ରିଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ଶୁଭେନ୍ଦୁଙ୍କୁ ଧମକ ସହ ବିଜେପି ନେତାଙ୍କୁ ହତ୍ୟା ଧମକ

କୋଲକାତା,୭।୧(ସଂଚାର ବ୍ୟୁରୋ): ରାଜ୍ୟ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ସଭା ପୂର୍ବରୁ, ଉତ୍ତର ୨୪ ପ୍ରଗଣାର ହିଙ୍ଗଳଗଞ୍ଜର ଦୁଲଦୁଲି ଅଞ୍ଚଳରେ ଏକ ବିବାଦୀୟ ପୋଷ୍ଟରକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ସ୍ଥାନୀୟ ବିଜେପି ନେତା ତରୁଣ ମଣ୍ଡଳ 'ମୁଣ୍ଡକାଟ' କରିବା ଧମକ ସହିତ ବିରୋଧୀ ଦଳ ନେତାଙ୍କ ସାର୍ବଜନୀନ ସଭା ବିରୁଦ୍ଧରେ ଚେତାବନୀ ଦେଇ ଅନେକ ପୋଷ୍ଟର ସେହି ଅଞ୍ଚଳରେ ଲଗାଯାଇଛି। ମଙ୍ଗଳବାର ଏହି ଘଟଣା ସାମ୍ନାକୁ ଆସିବା ପରେ ଅଞ୍ଚଳରେ ତୀବ୍ର ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଛି। ମଙ୍ଗଳବାର ହିଙ୍ଗଳଗଞ୍ଜର ଦୁଲଦୁଲି ଅଞ୍ଚଳର ବିଭିନ୍ନ ଜନବସତି ସ୍ଥାନରେ ଅନେକ ପୋଷ୍ଟର ଦେଖିବାକୁ ମିଳିଥିଲା। ଏଥିରେ ସିଧାସଳଖ ବିଜେପି ନେତା ତରୁଣ ମଣ୍ଡଳଙ୍କ ନାମ ଉଲ୍ଲେଖ କରାଯାଇଥିଲା ଏବଂ ଲେଖାଯାଇଥିଲା, ବିଜେପି ନେତା ତରୁଣ ମଣ୍ଡଳଙ୍କ ମୁଣ୍ଡକାଟ କରାଯିବ, ବିଜେପି ନେତାମାନେ ସାବଧାନ ରୁହନ୍ତୁ। ପୋଷ୍ଟରରେ ଶୁଭେନ୍ଦୁ ଅଧିକାରୀ ଏବଂ ରାଜ୍ୟ ନେତାଙ୍କ ପ୍ରସ୍ତାବିତ ସାଧାରଣ ସଭା ବିଷୟରେ ମଧ୍ୟ ଗୁପ୍ତ ଧମକ ଦିଆଯାଇଥିଲା। ତରୁଣ ମଣ୍ଡଳ ଏହି ଘଟଣା ପରେ ସିଧାସଳଖ ତୃଣମୂଳ କଂଗ୍ରେସ ଆଡ଼କୁ ଆଙ୍ଗୁଳି ଉଠାଇ କହିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସବୁ...

ବଜେଟରେ ଏହାର କାର୍ଯ୍ୟକାରିତା ପାଇଁ ୩ ହଜାର କୋଟି ଟଙ୍କାର ପ୍ରାବଧାନ ମଧ୍ୟ କରାଯାଇଛି।

ଏହି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତି ପଞ୍ଚାୟତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯିବ। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷା ଦିଆଯିବ। ଏହାଦ୍ୱାରା ଶିକ୍ଷାର ବାତାବରଣ ସୁଦୃଢ଼ ହେବା ସହ ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ। ଆଜି ରାଜ୍ୟର ୩୦ଟି ଜିଲ୍ଲା ପାଇଁ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଗୁଡ଼ିକ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରାଜ୍ୟରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏହି ଯୋଜନା ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରସୁତ ଯୋଜନା। ରାଜ୍ୟରେ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଯେଉଁ ଗ୍ୟାପ ପରିଲକ୍ଷିତ ହେଉଛି, ଏହି ଯୋଜନା ତାକୁ ଦୂର କରିବ। ସେହିପରି ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ଏହା ଏକ ବଡ଼ ପଦକ୍ଷେପ। ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ନଦେଲେ ପରବର୍ତ୍ତୀ ଶିକ୍ଷା ଦୁର୍ବଳ ହେବ, ଏହାକୁ ଚିନ୍ତା କରି ମୁଖ୍ୟମନ୍ତ୍ରୀ ଏହି ଯୋଜନା ପରିକଳ୍ପନା କରିଛନ୍ତି। ଆହୁରି ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଶ୍ରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ ବୋଲି ଆଶା କରିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଭିଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ବଲାଙ୍ଗୀର, କେନ୍ଦୁଝର, ନବରଙ୍ଗପୁର ଓ ପୁରୀ ଜିଲ୍ଲାରୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଆଭାସୀ ଜରି

୯ରୁ ସୋଆରେ ଜାତୀୟ ଅକୁପେସନାଲ ଥେରାପିଷ୍ଟ ସମ୍ମିଳନୀ

ଭୁବନେଶ୍ୱର,୭।୧ (ସଂଚାର ବ୍ୟୁରୋ): ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦୦ ଅକୁପେସନାଲ୍ ଥେରାପିଷ୍ଟ ଜାନୁଆରୀ ୯ରୁ ୧୧ ପର୍ଯ୍ୟନ୍ତ ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଲ୍ ଇଣ୍ଡିଆ ଅକୁପେସ୍ନାଲ ଥେରାପିଷ୍ଟସ ଆସୋସିଏସନ୍‌ର ବାର୍ଷିକ ସମ୍ମିଳନୀରେ ଯୋଗ ଦେବେ। ଏହି ସମ୍ମିଳନୀରେ ଜାତୀୟ ଓ ଆନ୍ତର୍ଜାତିକସ୍ତରର ଅନେକ ବିଶେଷଜ୍ଞ ଓ ବକ୍ତା, ଏକାଡେମିକ ବ୍ୟକ୍ତି, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇ ଏହି ବିଶେଷ ବିଷୟରେ ଜ୍ଞାନ ଆହରଣ କରିବାକୁ ସୁଯୋଗ ପାଇବେ।

ଓଟିକନ୍-୨୦୨୬ ଭାବେ ନାମିତ ଏହି ସମ୍ମିଳନୀକୁ ଅଲ୍ ଇଣ୍ଡିଆ ଅକୁପେସ୍ନାଲ ଥେରାପିଷ୍ଟସ ଆସୋସିଏସନ୍‌ର ଓଡ଼ିଶା ଶାଖା ଓ ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରିହାବିଲିଟେସନ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଏସ୍‌ଭିଏନ୍‌ଆଇଆରଟିଆର) ଦ୍ୱାରା ଆୟୋଜନ କରାଯାଇଛି। ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ରହିଛି 'ଟ୍ରାଡିସନ୍ ଟୁ ଟେକ୍ନୋଲଜିଃ ଏମ୍ରେସିଂ କଲ୍‌ଚରାଲ ଡାଇଭର୍ସିଟି ଇନ୍ ଅକୁପେସ୍ନାଲ ଥେରାପି'।

ଜାନୁଆରୀ ୯ ସକାଳ ୧୦ଟାରେ ସମ୍ମିଳନୀର ଉଦ୍‌ଘାଟନ କରାଯିବ। ଏଥିରେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫରମେସନ୍ ଟେକ୍ନୋଲଜି ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏଥିରେ ଲୋକସଭା ସଦସ୍ୟ ଶ୍ରୀ ବିଭୁ ପ୍ରସାଦ ତରାଇ ଓ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ଏହି ଉପଲକ୍ଷେ ଆୟୋଜିତ ହେଉଥିବା ପ୍ରି-କନ୍‌ଫରେନ୍ସ କଣ୍ଟିନ୍ୟୁୟିଂ ଅକୁପେସ୍ନାଲ ଥେରାପି ଏଜୁକେସନ କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ମେଡିକାଲ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହେବ।

୨୦୨୬ ମସିହା ମେଳାରେ ୨୦୨୫ର ବ୍ୟାନର

ଯାଜପୁର, ୭।୧ (ସଂଚାର ବ୍ୟୁରୋ): ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସରକାରୀ ମେଳା, କିନ୍ତୁ ମେଳାର ମୁହଁ ପୁରୁଣା ବ୍ୟାନରରେ। ୨୦୨୬ ମସିହାରେ ଯାଜପୁରରେ ଆୟୋଜିତ

ଯାଜପୁର ଜିଲ୍ଲା ପ୍ରଶାସନର ଲଜ୍ଜାଜନକ ଅବହେଳା



ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆଜି ଖବରର ଶିରୋନାମାରେକୃତି ପାଇଁ ନୁହେଁ, ବରଂ ପ୍ରଶାସନିକ ଅବହେଳା ଓ ଦାୟିତ୍ୱହୀନତା ପାଇଁ ମେଳା ପରିସରକୁ ପଶିଲେ ଯାହା ଦେଖିବାକୁ ମିଳିଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା। ମେଳା ୨୦୨୬ର, କିନ୍ତୁ ବ୍ୟାନର ଲେଖା ରହିଛି ୨୦୨୫।

ତେବେ ପ୍ରଶ୍ନ ସ୍ୱାଭାବିକ-ନୂଆ ବ୍ୟାନର ପାଇଁ ଆସିଥିବା ସରକାରୀ ଟଙ୍କା ଗଲା କେଉଁଠି? ନା କି ଦାୟିତ୍ୱ ଢାକିବାକୁ ପୁରୁଣା ବ୍ୟାନରରେ ଚଳିଗଲା କାମ? ଏହି ଘଟଣା ଯାଜପୁର ଜିଲ୍ଲାରେ ଭାରି ଅସନ୍ତୋଷ ସୃଷ୍ଟି କରିଛି। ଲୋକଙ୍କ ଟଙ୍କାରେ ହେଉଥିବା ସରକାରୀ କାର୍ଯ୍ୟକ୍ରମରେ ଏପରି ଅବହେଳାକୁ ଜିଲ୍ଲାବାସୀ ସିଧାସଳଖ କହୁଛନ୍ତି ପ୍ରଶାସନର ବିଫଳତା। ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ କୁମାର ମହାପାତ୍ରଙ୍କ ବିରୋଧରେ ସିଧାସଳଖ ଅଭିଯୋଗ ଉଠିଛି। ଲୋକଙ୍କ ଅଭିଯୋଗ ଏପରି ଅବହେଳାମୂଳକ କାର୍ଯ୍ୟ ଦ୍ୱାରା ଲୋକଙ୍କ ସରକାର 'ମୋହନ ସରକାର'ଙ୍କ ଛବିକୁ ବଦନାମ କରାଯାଉଛି। ଆଶ୍ଚର୍ଯ୍ୟର କଥା- ସବୁ ଜାଣି, ସବୁ ଦେଖି ମଧ୍ୟକେହି ମୁହଁ ଖୋଲୁନାହାନ୍ତି। ଦୋଷ ନଦେଖିବାକୁ ଟଙ୍କା ଦେଇ 'ମୁହଁ ବନ୍ଦ' କରାଯାଇଥିବାର ଚର୍ଚ୍ଚା ଏବେ ଜୋର ଧରିଛି।

ଏହି ଘଟଣାକୁ ନେଇ ସାଧାରଣରେ ଜୋରଦାର ଦାବି- ଉଚ୍ଚସ୍ତରୀୟ ତଦନ୍ତ, ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ସରକାରୀ ଧନର ସଠିକ ହିସାବ ସାଧାରଣରେ ପ୍ରକାଶ। ନହେଲେ ଲୋକଙ୍କ ମନରେ ପ୍ରଶ୍ନ ରହିଯିବ, ସରକାରୀ ମେଳା ନା ଲୁଟର ମଞ୍ଚ।

ହିଞ୍ଜିଳିକୁ ପୁଣି ଫେରିଲା ଶୀତ, ଜନଜୀବନ ଅସ୍ତବ୍ୟସ୍ତ



ହିଞ୍ଜିଳିକାଟୁ,୭।୧ (ସଂଚାର ବ୍ୟୁରୋ): କିଛି ଦିନର ବ୍ୟବଧାନ ପରେ ପୁଣିଥରେ ହିଞ୍ଜିଳି ସହରକୁ ଫେରିଛି ଶୀତ। ଗତ ୩ ଦିନ ଧରି ସହରରେ ଶୀତ ଲେଉଟାଣି ମାରିଛି । ଯାହାଫଳରେ ଅସହ୍ୟ ଥଣ୍ଡା ଅନୁଭୂତ ହେଉଛି। ସନ୍ଧ୍ୟା ହେଲେ ଶୀତର ମାତ୍ରା ଅଧିକ ହେଉଥିବା ବେଳେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି । ଶୀତ ବଢ଼ିବା ଯୋଗୁଁ ଲୋକମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଲଗାଇ ନିଆଁ ପୁଉଁ ଥିବା ଦେଖିବାକୁ ମିଳୁଛି। ସର୍ବନିମ୍ନ ତାପମାତ୍ରା ୧୩ ରୁ୨୦ ଡିଗ୍ରୀ ରହୁଥିବା ନେଇ ଅନୁମାନ କରଯାଉଛି ।

ପାଣିକୋଇଲିରେ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦ୍‌ଘାଟିତ



ଯାଜପୁରର, ୭।୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ଧାନ ମଣ୍ଡିରେ ଧାନ କ୍ରୟର ଶୁଭ ଉଦଘାଟନ ହୋଇଛି। ଏହି ଜିଲ୍ଲାସ୍ତରୀୟ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଯୋଗାଣ ଅଧିକାରୀ ଶ୍ରୀ ଦିଲ୍ଲୀପ ପାଣିଗ୍ରାହୀ, ଡିଆରସିଏସ ଶ୍ରୀ ଅମୂଲ୍ୟ କୁମାର ସେଠି ଯୋଗ ଦେଇଥିଲେ। ସାଂସଦ ଶ୍ରୀ ବେହେରା ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ବିନା କଟନୀ ଛଟନୀ ରେ ସୁରୁଖୁରୁରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ପରାମର୍ଶ ଦେଇଥିଲେ।

ବିଧାୟକ ଶ୍ରୀ ଆକାଶ ଦାସ ନାୟକ ଯାଜପୁରରେ ସୁବ୍ୟବସ୍ଥିତ ଢଙ୍ଗରେ ଧାନ ମଣ୍ଡିରେ କ୍ରୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ଯାଜପୁର ଜିଲ୍ଲାରେ ମୋଟ ୫୯,୯୬୧ ଜଣ ଚାଷୀ ଧାନ ମଣ୍ଡି ପାଇଁ ପଞ୍ଜିକରଣ କରିଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ୪୨,୭୨୦ ଟୋକେନ୍ ବଣ୍ଟନ କରାଯାଇଛି। ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ ସହିତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ଦିଆଯିବ। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି। ପଞ୍ଜୀକୃତ ହୋଇଥିବା ମୋଟ ୧୪୦ ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୪୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଧାନ କ୍ରୟ କରାଯାଉଅଛି।ଏହି କାର୍ଯ୍ୟକ୍ରମ ରେ ପାକ୍ସ ସଭାପତି ଶ୍ରୀ ସନ୍ତୋଷ କୁମାର ବେହେରା ଓ ସମ୍ପାଦକ ଉପସ୍ଥିତ ଥିଲେ।

ପାଗଳ ମାଙ୍କଡକୁ କାବୁକଲା ବନ ବିଭାଗ

ହିଞ୍ଜିଳିକାଟୁ,୭।୧ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ତାରାତାରିଣୀ ରାସ୍ତା ତଥା ହନୁମାନ ମନ୍ଦିର ନିକଟରେ ଦୁଇ ଦିନ ତଳେ ଏକ ମାଙ୍କଡ଼ ଆତଙ୍କ ସୃଷ୍ଟି କରିଥିଲା। ଖାସକରି ଦୁଇ ଚକିଆ ଗାଡି ଚାଳକମାନେ ଅଧିକ ହଇରାଣ ହୋଇଥିଲେ। ମାଙ୍କଡ଼ଟି ହଠାତ ରାସ୍ତା ଉପରକୁ ଆସି ବାଇକ୍ ଚାଳକ ଓ ରାସ୍ତାରେ ଯାଉଥିବା ଲୋକଙ୍କ ଉପରକୁ ଡେଇଁବା ସହ ସ୍କୁଲ, କଲେଜ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଗୋଡ଼ାଇବା ଫଳରେ ଛୋଟମୋଟ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ ବନବିଭାଗ ତରଫରୁ ତତ୍ପରତା ଦେଖାଇ ପାଟ୍ରୋଲିଂ ସହ ଲୋକଙ୍କୁ ସଚେତନ କରାଇ ଏହି ମାଙ୍କଡକୁ କାବୁ କରାଯାଇଥିବା ନେଇ ବନପାଳ ଘରମଣୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଖଣି ବିଭାଗ ଦ୍ୱାରା ୮ ବାଲିଗାଡ଼ି ଜବତ



ଫୁଲବାଣୀ, ୭।୧ (ସଂଚାର ବ୍ୟୁରୋ): ଫିରିଙ୍ଗିଆ, ଫୁଲବାଣୀ, ଖଜୁରୀପଡା ସହ ବିଭିନ୍ନ ବ୍ଲକରେ ବାଲିଘାଟ ନଥିବାରୁ ସାଧାରଣ ଭାବରେ ଆବାସ ଗୃହ ହେଉ କି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଗୋଟେ ପଟେ ପ୍ରଶାସନିକ ଅବହେଳା ପାଇଁ ବାଲିଘାଟ ଟେଣ୍ଡର ହୋଇପାରୁନଥିବା ବେଳେ ଅନ୍ୟପଟେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଟ୍ରାକ୍ଟର ମାଲିକମାନେ ଅଞ୍ଚଳରେ ଥିବା ବିଭିନ୍ନ ନାଳ ସହ ଛୋଟବଡ଼ ନଦୀ ପଠାରୁ ବାଲି ନେଉଥିବା ଦେଖିବାକୁ ମିକିଛି । ସେପଟେ ଖଣି ବିଭାଗର ବାଲି ଟ୍ରାକ୍ଟର ଉପରେ ଅତର୍କିତ ଚଢ଼ାଉ କରି ଫାଇନ ଆଦାୟ କରି ମାଲିକ ମାନଙ୍କ ଉପରେ ଦାଉ ସାଧୁଛି । ତେବେ ଏହି ପରିପେକ୍ଷୀରେ ସୋମବାର ଫୁଲବାଣୀ ଖଣି ବିଭାଗର ଏକ ଟିମ ଏକାଥରେ ଆଠଟି ବାଲି ଗାଡିକୁ ଜବତ କରିବା ସହ ସେହି ଗାଡିମାନଙ୍କ ଠାରୁ ପ୍ରାୟ ଚାରିଲକ୍ଷରୁ ଅଧିକ ଟଙ୍କା ଫାଇନ କରାଯାଇଛି ।

ତେବେ ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସୂଚନା ଅନୁସାରେ ଖଣି ବିଭାଗର କନିଷ୍ଠ ଖଣି ଅଧିକାରୀ ଡୋଳାମଣି ସେଠ ଓ ପ୍ରଭାତ କୁମାର ବେହେରାଙ୍କ ସହ ଏକ ସ୍ୱତନ୍ତ୍ର ଟିମ ଫୁଲବାଣୀ ସଦର ଥାନା ପୁଲିସର ସହାୟତାରେ ତୁଡ଼ିପାଙ୍କୁ ପଞ୍ଚାୟତର ତେରାଗୁଡା ଗାଁ ନିକଟରେ ଥିବା ସାଲୁଙ୍କି ନଦୀ ପଠାରୁ ବାଲି ଚୋରା ଚାଲାଣ ଚାଲିଥିବା ବେଳେ ଏହି ଆଠଟି ବାଲି ଗାଡିକୁ ଜବତ କରିଥିବା ସୂଚନା ଦେଇଛନ୍ତି। ବିର୍ତ୍ତମାନ ସମସ୍ତ ଟ୍ରାକ୍ଟରକୁ ଜବତ କରି ଫୁଲବାଣୀ ସଦର ଥାନାରେ ରଖାଯାଇଥିବା ସୂଚନା ମିଳିଛି ।

ମନଇଚ୍ଛା ବ୍ଲକକୁ ଆସୁଛନ୍ତି କର୍ମଚାରୀ

ସେବା ନ ପାଇ ଫେରୁଛନ୍ତି ହିତାଧିକାରୀ

ଯନ୍ତ୍ରୀଙ୍କ ମନଇଚ୍ଛା ଯାତାୟାତ ପାଇ ଲୋକପ୍ରତିନିଧି ନିରାଶ



କାକଟପୁର/ଅସ୍ତରଙ୍ଗ, ୭।୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟକୁ ସଠିକ ସମୟରେ ଅଧିକାରୀ, କର୍ମଚାରୀ ଆସୁନଥିବା ଅଭିଯୋଗ ହେଉଛି। ଅଧିକାରୀ ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଦୂରଦୁରାନ୍ତରୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ନିର୍ଦ୍ଧାରିତ ସମୟରେ ପହଂଚିବାକୁ ନିୟମ ଥିବା ବେଳେ ମନଇଚ୍ଛା, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଉଲ୍ଲଘଂନ କରି ଦିନ ୧୧ଘ ୩୦ମିନିଟ ପରେ ଅଧିକାଂଶ କର୍ମଚାରୀ ଆସୁଛନ୍ତି। ଏହାସହ ଅପରାହ୍ନ ୩ଟାରେ ଅନେକ କର୍ମଚାରୀ ବିଭିନ୍ନ ଆଳ ଦେଖାଇ ଗଳାବାଟ ଦେଇ ପ୍ରସ୍ଥାନ କରି ଯାଉଛନ୍ତି। କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଓ ଯାତାୟାତ ପାଇଁ ସାଧାରଣ ଜନତା ଓ ଲୋକ ପ୍ରତିନିଧି ସେବା ନପାଇ ନିରାଶ ହେଉଛନ୍ତି। ମାସର ଅନେକ ସମୟରେ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ବିଭିନ୍ନ ସମୟରେ ଘରୁ ଆସୁଥିବା ବେଳେ କିଛୁ ବିଳମ୍ବରେ ପହଂଚିଥିଲେ ମଧ୍ୟ ବ୍ଲକ କାର୍ଯ୍ୟାଳୟରେ ସାଧାରଣ ଲୋକ ପଚାରିଲେ ଧାଡିକିଆ ଉତ୍ତର କ୍ଷେତ୍ର ପରିଦର୍ଶନ ଯାଇଥିଲୁ।

ସାଧାରଣ ଜନତାଙ୍କ ଅର୍ଥରେ ରାଜକୋଷରୁ କର୍ମଚାରୀ ବେତନ ପାଉଥିବା ବେଳେ ସଠିକ ସମୟରେ ଆସୁନାହାନ୍ତି। ଯଦି ବ୍ଲକ କାର୍ଯ୍ୟାଳୟକୁ ହିତାଧିକାରୀ ଆସନ୍ତି, ତେବେ ମନଇଚ୍ଛା କାର୍ଯ୍ୟାଳୟ ଖୋଲିବା, ମନଇଚ୍ଛା ଅଧିକାରୀ କାର୍ଯ୍ୟରେ ଯୋଗଦେବା ଭଳି ସମସ୍ୟା ହେତୁ ସେବା ନ ପାଇ ଫେରିଯାଉଛନ୍ତି ସାଧାରଣ ଜନତା। ଅସ୍ତରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଏ ସବୁ ଜାଣି ମଧ୍ୟ ନିରବ ଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କଲେ ଘଟଣାକୁ ଏଡାଇବାକୁ ଉତ୍ତର ବିଭିନ୍ନ ଢଙ୍ଗରେ ରଖିଥାନ୍ତି। ଯାହାକି କର୍ମଚାରୀମାନେ ସରକାରୀ ନିୟମକୁ ଖୁଲମ ଖୁଲ୍ଲା ଉଲ୍ଲଘନ କରୁଛନ୍ତି ବ୍ଲକ ପ୍ରଶାସନ। ଏଭଳି ଘଟଣା ଅଞ୍ଚଳର ବୁଦ୍ଧିଜୀବି ତଥା ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି।

ଆଭାସୀ ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ନବରଙ୍ଗପୁର/ରାଇଘର, ୭।୧ (ସଂଚାର ବ୍ୟୁରୋ): ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକ ଛେଳିଡ଼ଙ୍ଗରି ଗ୍ରାମ ପଂଚାୟତର ଗାନ୍ଧିନଗର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ମାନ୍ୟତା ପାଇଥିବା ବେଳେ ଆଜି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇ ଯାଇଛି।

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ଛେଳିଡ଼ଙ୍ଗରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗାନ୍ଧୀନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଇଘର ତହସିଲ କାର୍ଯ୍ୟାଳୟ ପଛରେ ଥିବା ଏକ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ଝାଙ୍କର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ଝରୀଗାଁ ବିଧାୟକ ନରସିଂହ ଭତ୍ରା, ସାଂସଦ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର, ଶିବନାଥ ବାନାର୍ଜୀ, ମନୋହର ଦଣ୍ଡସେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ସରକାର, ବହୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଗାନ୍ଧିନଗର ବିଦ୍ୟାଳୟର ଶିକ୍ଷକ ସୁବ୍ରତ ଜେନାଙ୍କ ସହ ଆଭାସୀ ମାଧ୍ୟମରେ ଭାବବିନିମୟ କରିଥିଲେ। ।

ଆନନ୍ଦପୁର ମହାବିଦ୍ୟାଳୟରେ ଇଣ୍ଟର ଡିସିପ୍ଲିନାରୀ ସେମିନାର

ଆନନ୍ଦପୁର,୭।୧ (ସଂଚାର ବ୍ୟୁରୋ): ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ସାଇନ୍ସ ସୋସାଇଟ ତରଫରୁ ଇଣ୍ଟର୍ ଡିସିପ୍ଲୀନାରି ସେମିନାର୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଆମେରିକାର ଭିରଜିନିଆ ଷ୍ଟେଟ ବିଶ୍ୱବିଦ୍ୟାଳୟର ଡକ୍ଟର ଚନ୍ଦନ ଭୂଷଣ ସାମନ୍ତରାୟ ଯୋଗଦେଇ ଦୈନନ୍ଦିନ ଜୀବନରେ କ୍ୱାଣ୍ଟମ୍ ମେକାନିକ୍ସର ପ୍ରୟୋଗ ଯଥା କ୍ୱାଣ୍ଟମ୍ କମ୍ପୁଟିଂ, ଲେଜର, ସୂଚନା ବିଜ୍ଞାନ, ନାନୋ ଜୈବ ପ୍ରଯୁକ୍ତି ବିଦ୍ୟାରେ କିଭଳି ପ୍ରୟୋଗ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ ଯୋଗଦେଇଥିଲେ।



ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ

● କୃଷି ଓ କୃଷକର ଉନ୍ନତି ଉପରେ ଗୁରୁତ୍ୱାରାପ



ବାଲିଅନ୍ତା, ୭।୧ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଭୁବନେଶ୍ୱର-୨୦୨୬ ଉଦଘାଟିତ ହୋଇଯାଇଛି।

ଏହି ଅବସରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଖୋର୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, କୃଷି ନିର୍ଦ୍ଦେଶିକା ଯନ୍ତ୍ରୀ ସୁଧାଂଶୁ ଶେଖର ଦାସ , ଭୁବନେଶ୍ୱର ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏନେଇ ଆୟୋଜିତ ସଭାରେ ଉପ ଜିଲ୍ଲାପାଳ ସଭାପତିତ୍ୱ କରିଥିଲେ। କୃଷି ଓ କୃଷକର ସାମଗ୍ରୀକ ଉନ୍ନତି ଉପରେ ସମବେତ ଅତିଥିବୃନ୍ଦ ଗୁର

ମା' ଭଗବତୀ ମନ୍ଦିର ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ମନ୍ଦିର ଉନ୍ନତି ପାଇଁ ଅର୍ଥର ଅଭାବ ରହିବନି

ଭୁବନେଶ୍ୱର,୭।୧ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଣପୁର ଗସ୍ତ ଅବସରରେ ଆରାଧ ଦେବୀ ମା' ଭଗବତୀଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଆଶୀର୍ବାଦ ଭିକ୍ଷା କରିବା ସହିତ ମା' ଭଗବତୀ ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୬ କୋଟି ଟଙ୍କା ବିନିଯୋଗରେ ଓବିସିସିର ତତ୍ତ୍ୱାବଧାନରେ ଜାରିରହିଛି। ଏଥିରେ ମନ୍ଦିର ପରିକ୍ରମା, ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା କେନ୍ଦ୍ର, ଯଜ୍ଞ ମଣ୍ଡପ, ପାର୍କିଂ ବ୍ୟବସ୍ଥା ଏବଂ ମୁଖ୍ୟ ମନ୍ଦିର ଓ ପାର୍ଶ୍ୱ ଦେବାଦେବୀ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରହିଛି।



ମୁଖ୍ୟମନ୍ତ୍ରୀ ଏ ସମସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରି ମାଆଙ୍କର ଏହି କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପସ୍ଥିତ ସେବାୟତ ଓ ବାଣପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଡିପିଆର ପ୍ରସ୍ତୁତ ହୋଇ କାମ ଆରମ୍ଭ ହୋଇଛି, ମାଆଙ୍କ ମନ୍ଦିର ପାଇଁ ଯାହା ଅର୍ଥ ଆବଶ୍ୟକ ହେବ ଯୋଗାଇ ଦିଆଯିବ ଏବଂ ମାଆଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ମା'ଙ୍କ ମନ୍ଦିରର ଉନ୍ନତି ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

ଲିଙ୍ଗରାଜ ମନ୍ଦିରରେ ସୁରକ୍ଷା ଢ଼ିଲା

ପ୍ରବେଶ କଲେ ଅଣହିନ୍ଦୁ



ଭୁବନେଶ୍ୱର, ୭।୧ (ସଂଚାର ବ୍ୟୁରୋ) : ପୁଣି ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବେଶ କଲେ ଅଣହିନ୍ଦୁ। ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ମନ୍ଦିରରେ ପଶିଗଲେ ଜାପାନୀ ପର୍ଯ୍ୟଟକ। ଓଡ଼ିଆ ଲୋକଙ୍କ ସାହାଯ୍ୟରେ ପ୍ରବେଶ କଲେ ଜାପାନୀ ପର୍ଯ୍ୟଟକ। ଅଣହିନ୍ଦୁ ପ୍ରବେଶ ପରେ ସେବାୟତ ମହଲରେ ଅସନ୍ତୋଷ ବୃଦ୍ଧିପାଇଛି। ମନ୍ଦିରକୁ ନେଇଥିବା ଦୁଇ ଓଡ଼ିଆ ଲୋକଙ୍କୁ ଅଟକ ରଖାଯାଇଛି। ମନ୍ଦିର ପ୍ରଶାସନ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ ଯେ, ଜାପାନୀ ପର୍ଯ୍ୟଟକ ଜଣଙ୍କ ମନ୍ଦିରରେ ପ୍ରବେଶ କରିବା ବେଳେ ଜଣେ ସେବାୟତଙ୍କ ହାତରେ ଧରାପଡିଥିଲେ। ବିଦେଶୀ ପର୍ଯ୍ୟଟକଙ୍କୁ ପୁଲିସ ଅଟକ ରଖିଛି। ତାଙ୍କ ସହ ଦୁଇ ଜଣ ଓଡ଼ିଆଙ୍କୁ ମଧ୍ୟ ପୁଲିସ ଅଟକ ରଖିଥିବା ସୂଚନା ରହିଛି। ତେବେ କେଉଁ ଉଦ୍ଦେଶ୍ୟ ରଖି ମନ୍ଦିର ଭିତରକୁ ଜାପାନୀ ପର୍ଯ୍ୟଟକଙ୍କୁ ପ୍ରବେଶ କରାଉଥିଲେ, ତାକୁ ନେଇ ଛାନଭିନ ଚଳାଇଛି ପୁଲିସ। ତେବେ ଜାପାନୀ ପର୍ଯ୍ୟଟକଙ୍କୁ ପଚରାଉଚରା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିବ। ପୂର୍ବରୁ ମଧ୍ୟ ଅନେକ ଥର ମନ୍ଦିରରେ ବିଦେଶୀ ପର୍ଯ୍ୟଟକ ପ୍ରବେଶ କରିଥିବା ନଜିର ରହିଛି। ପୁଲିସ ସୁରକ୍ଷା, ସିସିଟିଭି ଭଳି ବ୍ୟବସ୍ଥା ରହିଥିବା ବେଳେ ମନ୍ଦିର ଭିତରକୁ କିଭଳି ଅଣହିନ୍ଦୁ ବାରମ୍ବାର ପ୍ରବେଶ କରୁଛନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

ଉଜବେକିସ୍ତାନରେ ଫସିଛନ୍ତି ୧୫୦୦ ଭାରତୀୟ

- ମୁକ୍ତି ପାଇଁ ସରକାରଙ୍କୁ ନିବେଦନ
- ଓଡ଼ିଶାର ଅନେକ ଯୁବକ ହନ୍ତସନ୍ତ
- ଶ୍ରମ ବିଭାଗ ପାଖରେ ନାହିଁ ଖବର



ବ୍ରହ୍ମପୁର, ୭।୧(ସଂଚାର ବ୍ୟୁରୋ): ରୋଜଗାର ବଦଳିଗଲା ସୌଦାଗର। ଦରମା ବଦଳରେ ନିର୍ଯାତନା ପାଇଲେ। ଉଜବେକିସ୍ତାନ ଆଙ୍ଗିୟୁଲରେ ଫସିଛନ୍ତି ଶତାଧିକ ଯୁବକ। ସେଥିରେ ଓଡ଼ିଶାର ଅନେକ ଯୁବକ ମଧ୍ୟ ଅଛନ୍ତି। ମୁକ୍ତି ପାଇଁ ସରକାରଙ୍କୁ ଭିଡିଓ ମାଧ୍ୟମରେ କରିଛନ୍ତି ଆକୁଳ ନିବେଦନ। ଭାରତୀୟ ଦୂତାବାସ ମଧ୍ୟ ଶୁଣୁ ନଥିବା ଅଭିଯୋଗ କରିଛନ୍ତି।

ଉଜବେକିସ୍ତାନ ଆଙ୍ଗିୟୁଲରେ ଏଣ୍ଟର ଇଂଜିନିୟର କମ୍ପାନୀ ସାମ୍ନାରେ ୫ ଦିନରୁ ଅଧିକ ଦିନ ହେଲା ଆନ୍ଦୋଳନ କରୁଛନ୍ତି ଶତାଧିକ ଭାରତୀୟ ଯୁବକ। ଦରମା, ଖାଇବା ଦେଉନଥିବା ବେଳେ ଚିନ୍ତାରେ ଅଛନ୍ତି ଭାରତୀୟ। ଏହି କମ୍ପାନୀରେ ୧୫ ଶହରୁ ଅଧିକ ଭାରତୀୟ ଚାକିରି କରୁଥିବା ବେଳେ ଦୀର୍ଘ ୪ ମାସ ଅର୍ଥାତ ଅକ୍ଟୋବର ମାସଠାରୁ ଦରମା ଦେଉନଥିବା ବେଳେ ଖାଇବା ଦେଉନଥିବା ଅଭିଯୋଗ କରିଛନ୍ତି। ବଡ଼ କଷ୍ଟରେ ଘରୁ ଟଙ୍କା ମଗାଇ ଚଳୁଛନ୍ତି ଭାରତୀୟ। ସେମାନଙ୍କ ମଧ୍ୟରେ ଭାରତର ବିଭିନ୍ନ ରାଜ୍ୟର ଯୁବକ ରହିଥିବା ବେଳେ ଓଡ଼ିଶା ଗଞ୍ଜାମ ଜିଲ୍ଲାର ଯୁବକ ମଧ୍ୟ ଫସି ରହିଛନ୍ତି। ଭିଡିଓ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ ଜଣାଇ ଭିଡିଓ ପଠାଇଛନ୍ତି। ଏଥିରେ ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି, ଦିଗପହଣ୍ଡି, କବିସୂର୍ଯ୍ୟନଗର ସମେତ ବିଭିନ୍ନ ଅଞ୍ଚଳର ଯୁବକ ଫସିଥିବା ଜଣାପଡିଛି।

ଏ ନେଇ ଶ୍ରମ ବିଭାଗ ନିକଟରେ ଖବର ନାହିଁ। ଗଣମାଧ୍ୟମରୁ ଜାଣିବାକୁ ପାଇଥିବା କହିଛନ୍ତି ବ୍ରହ୍ମପୁର ଶ୍ରମ ବିଭାଗ ଅଧିକାରୀ। କିଭଳି ଭାବେ ସେଠାରୁ ଗଞ୍ଜାମ ଯୁବକଙ୍କୁ ମୁକ୍ତି କରି ଅଣାଯିବ ସେନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ୱାଟକୋକୁ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ
ସହରାଞ୍ଚଳ ଚାହିଦା ପୂରଣ ପାଇ ପ୍ରକଳ୍ପ ତ୍ୱରାନ୍ୱିତ କର

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ) : ରାଜଧାନୀ ଏବଂ ଆଖପାଖ ଅଞ୍ଚଳ ପାଇଁ ୱାଟକୋ ଦ୍ୱାରା ପ୍ରସ୍ତୁତ ପାନୀୟ ଜଳ ସୁରକ୍ଷା ଯୋଜନାର ସମୀକ୍ଷା କରିଛନ୍ତି ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ। ବୈଠକରେ ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ୱାଟକୋ ଏମ୍ ଡି ଦେବବ୍ରତ ମହାନ୍ତି ଓ ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମୀକ୍ଷା ସମୟରେ, ଶ୍ରୀମତୀ ପାଢୀ ଭୁବନେଶ୍ୱରର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ଭବିଷ୍ୟତର ସହରାଞ୍ଚଳ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଚାଲୁଥିବା ଏବଂ ପ୍ରସ୍ତାବିତ ସମସ୍ତ ଜଳଯୋଗାଣ ପ୍ରକଳ୍ପକୁ ପ୍ରାଥମିକତା ଦେବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ୱାଟକୋକୁ ନିର୍ଦ୍ଦେଶ ଦେଇଛନ୍ତି।



ୱାଟକୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମହାନ୍ତି ବର୍ତ୍ତମାନର ଜଳ ଯୋଗାଣ ସ୍ଥିତି, ଚାହିଦା-ଯୋଗାଣ ବ୍ୟବଧାନ ଏବଂ ଯୋଜନାବଦ୍ଧ ଭିତ୍ତିଭୂମି ବୃଦ୍ଧି ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ, ଯାହା ବିକଶିତ ଓଡ଼ିଶା @୨୦୩୬ ଏବଂ ବିକଶିତ ଭାରତ @୨୦୪୭ ର ଦୃଷ୍ଟିକୋଣ ସହିତ ମେଳ ଖାଉଛି। ପ୍ରକଳ୍ପ କାର୍ଯ୍ୟକାରିତା ସମୟରେ ସମ୍ମୁଖୀନ ହେଉଥିବା କେତେକ ପରିଚାଳନାଗତ ଏବଂ ପ୍ରଶାସନିକ ଆହ୍ୱାନ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।

ଦ୍ରୁତ ସହରୀକରଣ, ଜଳବାୟୁର ପରିବର୍ତ୍ତନ ଏବଂ ଋତୁକାଳୀନ ଅଭାବ ଯୋଗୁଁ ବଢୁଥିବା ଜଳ ସଙ୍କଟକୁ ଦୃଷ୍ଟିରେ ରଖି ପ୍ରମୁଖ ସଚିବ ସମଗ୍ର ଓଡ଼ିଶାର ପୌରସଂସ୍ଥାଗୁଡିକର ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ଗ୍ରୀଷ୍ମ ମାସରେ ତୀବ୍ର ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଥିବା ସହରାଞ୍ଚଳଗୁଡିକୁ ଚିହ୍ନଟ କରି ପଦକ୍ଷେପ ଗ୍ରହଣକରିବାକୁ କହିଛନ୍ତି। ୨୦୨୮ ସୁଦ୍ଧା ନାହରକଣ୍ଟାରେ ଏକ ୨୦ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବାକୁ ଯୋଜନା କରାଯାଇଛି। ଆଗାମୀ ୫୦ ବର୍ଷ ପାଇଁ ସହରର ଜଳ ଚାହିଦା ପୂରଣ କରିବା ପାଇଁ ମୁଣ୍ଡୁଳିରୁ ମହାନଦୀ ୧୦୦୦ ଏମଏଲଡି ଜଳ ଉଠାଇବା ପାଇଁ ଜଳ ସମ୍ପଦ ବିଭାଗକୁ ଏକ ପ୍ରସ୍ତାବ ଦାଖଲ କରାଯିବ, ଯାହାକୁ ଦୁଇ ପର୍ଯ୍ୟାୟରେ ବିକଶିତ କରାଯିବ। ମୁଣ୍ଡୁଳି ଠାରେ ୧୩୦ ଏମଏଲଡି ବିଶୋଧନଗାର କାର୍ଯ୍ୟକ୍ଷମ ହେବା ପରେ ୱାଟକୋ ଭୁବନେଶ୍ୱର ସହରର ସମସ୍ତ ଆପାର୍ଟମେଣ୍ଟ ଏବଂ ପ୍ରତିଷ୍ଠାନକୁ ଜଳ ଯୋଗାଣ ସୁନିଶ୍ଚିତ କରିବାରେ ସକ୍ଷମ ହେବ।

ଜଷ୍ଟିସ୍ ଭୟ: ନବୋଦୟ ବିଦ୍ୟାଳୟ ୧୪ ଯାଏ ବନ୍ଦ

- ପିଲାଙ୍କୁ ନେଇଯିବା ଲାଗି ଅଭିଭାବକଙ୍କୁ ନିର୍ଦ୍ଦେଶ

ଖୋର୍ଦ୍ଧା,୭।୧(ସଂଚାର ବ୍ୟୁରୋ): ଖୋର୍ଦ୍ଧା ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଜଷ୍ଟିସ୍ ବ୍ୟାପିବା ଭୟରେ ନବୋଦୟ ବିଦ୍ୟାଳୟକୁ ୧୪ ତାରିଖ ଯାଏ ବନ୍ଦ ଘୋଷଣା କରାଯାଇଛି। ଏପରିକି ନିଜ ପିଲାଙ୍କୁ ନେଇଯିବା ଲାଗି ଅଭିଭାବକଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ବିଦ୍ୟାଳୟରେ ଜଷ୍ଟିସ୍ ଏଭଳି କୋକୁଆଭୟ ସୃଷ୍ଟି କରିଛି ଯେ, ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଘରକୁ ପଳାଇ ଗଲେଣି। ଘରକୁ ଯାଇଥିବା ବିଦ୍ୟାର୍ଥୀଙ୍କ ରକ୍ତ ନମୁନା ମଧ୍ୟ ପଜିଟିଭ୍ ବାହାରୁଛି। ଦୁଇ ମାସ ତଳେ ୧୮ରୋଗୀ ଚିହ୍ନଟ ହୋଇଥିଲେ। ଏ ରୋଗ ଗତବର୍ଷ ନଭେମ୍ବରରୁ ଆରମ୍ଭ ହେଲାଣି। ଚଳିତ ଜାନୁଆରି ସୁଦ୍ଧା ରୋଗୀସଂଖ୍ୟା ୪୦କୁ ଛୁଇଁଛି। ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୭୦ରୁ ଅଧିକ ହେବ ବୋଲି ବେସରକାରୀ ଭାବେ କୁହାଯାଉଛି। ଆକ୍ରାନ୍ତ ପିଲାଙ୍କୁ ଜ୍ୱର ହେଉଛି, ତା' ସହିତ ମୁହଁ ହାତ ହଳଦିଆ ପଡୁଛି। ଲକ୍ଷଣ ଦେଖା ଦେବା କ୍ଷଣି ଡାକ୍ତରଙ୍କର ପରାମର୍ଶ କରାଯାଉଛି। ପିଲାଙ୍କ ସହିତ ଜଣେ ଷ୍ଟାଫ୍ ମଧ୍ୟ ଜଷ୍ଟିସ୍‌ରେ ପୀଡ଼ିତ ହୋଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ରୋଗର କାରଣ ଖୋଜିବା ଆରମ୍ଭ କରିଛନ୍ତି। ବିଦ୍ୟାଳୟରେ ଥିବା ୧୩ଟି ପାଣିଟାଙ୍କି ସଫେଇ କରାଯାଇଛି। ତା' ସହିତ ଖାଦ୍ୟ ନମୁନା ବି ପରୀକ୍ଷା କରାଯାଇଛି। ପିଲାଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି ଆରମ୍ଭ କରାଯାଇଛି। ବିଦ୍ୟାଳୟର ପାଇଖାନାରୁ ରୀତିମତ ସଫେଇ କରାଯିବା ସହିତ ଜଣେ ଅନ୍ୟ ଜଣଙ୍କ ଟ୍ରେରେ କିମ୍ବା ପାଣି ବୋତଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତି ସପ୍ତାହରେ ଡାକ୍ତର ବିଦ୍ୟାଳୟରେ ଆସି ପରାମର୍ଶ ଦେଉଛନ୍ତି। ମେଡିକାଲ୍ କ୍ୟାମ୍ପ ବି ଆରମ୍ଭ ହୋଇଛି। ତା' ସହିତ ବିଦ୍ୟାଳୟକୁ ଆସି ଅନୁଧ୍ୟାନ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଆଜି ଚିଠି କରାଯାଇଛି। ବିଦ୍ୟାଳୟରେ ମୋଟ ୫୬୦ ପିଲା ପାଠ ପଢୁଛନ୍ତି। ରୋଗର କାରଣ ଜାଣିବା ପାଇଁ ଜଳ ନମୁନା ପରୀକ୍ଷା କରାଯାଇଛି। ଆସନ୍ତା ଫେବ୍ରୁଆରି ୧୬ରୁ ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଥିବାରୁ ଚିନ୍ତା ବଢ଼ିଛି।

ସାତକୋଶିଆରେ କୁମ୍ଭୀର ଗଣନା ଆରମ୍ଭ

- ମତ୍ସ୍ୟଜୀବୀଙ୍କୁ ନଦୀକୁ ନ ଯିବାକୁ ପରାମର୍ଶ



ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ) : ସାତକୋଶିଆରେ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ମହାନଦୀ ସାତକୋଶିଆ ଗଣ୍ଡରେ କେତେ ଅଛନ୍ତି କୁମ୍ଭୀର, ଏନେଇ ଚାଲିଛି ଗଣନା। ୩ ଦିନ ଧରି ଚାଲିବ ଏହି ଗଣନା କାର୍ଯ୍ୟ। ଏଥିପାଇଁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ, ମହାନଦୀ ଓ ଆଠମଲ୍ଲିର ବନଖଣ୍ଡରେ ମୋଟ ୧୪ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମରେ ୪ରୁ ୫ଜଣ ଲେଖାଏଁ ମୋଟ ୭୦ ବନ କର୍ମଚାରୀ ଓ ଗବେଷଣା କରୁଥିବା ବ୍ୟକ୍ତି ଗଣନା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ୧୨ଟି ଦେଶୀ ଡଙ୍ଗା ଓ ୨ଟି ବୋଟ୍, ଶକ୍ତିଶାଳୀ କ୍ୟାମେରା, ବାଇନାକୁଲର ସାହାଯ୍ୟରେ ଚାଲିଛି ଗଣନା। ଗତବର୍ଷ ମହାନଦୀ ଗଣ୍ଡରେ ମୋଟ ୧୧୫ଟି କୁମ୍ଭୀର ରହିଥିଲେ। ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ପକ୍ଷରୁ ନଦୀକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି ମହାନଦୀର ସାତକୋଶିଆ ଗଣ୍ଡ ଓ ଶିଶୁପଥର ଡ୍ୟାମରେ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି।

ବାଇକ୍ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

ପାତ୍ରପୁର,୭।୧(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଅଧୀନସ୍ଥ ତମ୍ବାପୁର ମନ୍ଦରଡ଼ା ରାସ୍ତା ଲୁହୁରୁଣି ବଟଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି। ବାଇକ୍ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ଅନୁସାରେ, ତିତିଗାଁ ଗ୍ରାମର କେଦାର ନାଇକ (୧୮)ଗାଡି ଚଲାଉଥିବା ବେଳେ ବନମାଳୀ ଗ୍ରାମର ରଞ୍ଜନ ନାଇକ(୨୬) ଓ ବାଡ଼ିତୋଳା ଗ୍ରାମର ରାହୁଲ୍ ନାଇକ (୨୬)ପଛରେ ବସିଥିଲେ। ହେଲେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ହୋଇଥିଲା। ଦମକଳ ଗାଡ଼ି ଯୋଗେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ଆହତମାନଙ୍କୁ ଅଣାଯାଇଥିବା ବେଳେ ଡ଼ାକ୍ତର କେଦାର ଓ ରାହୁଲଙ୍କୁ ମୃତ ଘୋଷଣା କରିଛନ୍ତି। ଆହତ ରଞ୍ଜନ ନାଇକଙ୍କୁ(୨୬) ପ୍ରାଥମିକ ଚିକିତ୍ସା କରାଯାଇ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି। ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇଆଇସି ଟୁନା ସାସମଲ, ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବିଡିଓ ଲକ୍ଷ୍ମଣ ଚରଣ ସୋରେନ ପହଞ୍ଚି ତଦନ୍ତ କରିଥିଲେ। କେସ ନଂ ୩/୨୬ ରେ ମାମଲା ରୁଜୁ ହୋଇ ମୃତକମାନଙ୍କ ଶବ ବ୍ୟବଚ୍ଛେଦ କରିବା ପାଇଁ ବ୍ରହ୍ମପୁର ପଠାଇବା ବ୍ୟବସ୍ଥା କରାଯାଇଛି ବୋଲି ଆଇଆଇସି କହିଛନ୍ତି।

ଅପରାଧ ସ୍ଥଳ ନିରୀକ୍ଷଣ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ): ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ସହରାଞ୍ଚଳ ପୁଲିସ, ଟ୍ରାଫିକ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡ଼େମୀ ଏବଂ ରାଜ୍ୟ ଫରେନସିକ ବିଜ୍ଞାନ ପରୀକ୍ଷାଗାର ମିଳିତ ଆନୁକୂଲ୍ୟରେ ଅପରାଧ ସ୍ଥଳ ନିରୀକ୍ଷଣ ଅଧିକାରୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।



ଏହି ଅବସରରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଡିଜିପି ଆଲୋକପାତ କରିଥିଲେ। ତଦନ୍ତ ସମୟରେ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ, ଅଡିଓ/ଭିଡିଓ ରେକର୍ଡିଂ ଭଳି ପଦକ୍ଷେପ ଗ୍ରହଣ କରି ଦଣ୍ଡ ବିଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସମ୍ପର୍କରେ ଆଇନରେ ଉଲ୍ଲେଖ ରହିଛି। ସେହି ଅନୁଯାୟୀ ପ୍ରତି ଥାନାରେ ଦୁଇଜଣ ଲେଖାଏଁ ଅପରାଧ ସ୍ଥଳ ନିରୀକ୍ଷଣ ଅଧିକାରୀ ନିଯୁକ୍ତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା କନଷ୍ଟେବଳ ଓ ହୋମଗାର୍ଡଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇ ନୂତନ ଭାରତୀୟ ଅପରାଧ ଆଇନ, ବୈଜ୍ଞାନିକ ଜ୍ଞାନକୌଶଳ, ଅପରାଧ ସ୍ଥଳରେ ସେମାନଙ୍କ ଭୂମିକା ସମ୍ପର୍କିତ ୬ ସପ୍ତାହ ତାଲିମ ପ୍ରଦାନ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଜିଲ୍ଲାରୁ ୭୪ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ୬୦ ଜଣ କନେଷ୍ଟବଳ ଏବଂ ୧୪ ଜଣ ହୋମଗାର୍ଡ ପ୍ରଶିକ୍ଷଣ ନେଉଛନ୍ତି। ଅଭିଜ୍ଞ ଫୋରେନସିକ ବିଶେଷଜ୍ଞ ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାୟୋଗିକ ଓ ବୈଷୟିକ ଜ୍ଞାନ ପ୍ରଦାନ କରିବା ସହ ଅପରାଧ ସ୍ଥାନକୁ ସୁରକ୍ଷିତ ରଖିବା, ତନ୍ନତନ୍ନ କରି ପରୀକ୍ଷା ନିରୀକ୍ଷା କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ସଂଗ୍ରହ ସମ୍ପର୍କରେ ତାଲିମ ପ୍ରଦାନ କରିବେ।

**ପ୍ରତି ଥାନାରେ ଦୁଇଜଣ ଅ



ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୯,୪୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୭,୮୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୯,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୭,୮୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୯,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୭,୮୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୯,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୮,୦୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୦,୪୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୮,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୯,୪୮୦ ଓ ୧,୨୭,୮୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୩,୦୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର



ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୯୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

ଖୁବଶୀଘ୍ର ଗଡ଼ିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍



ନୂଆଦିଲ୍ଲୀ,୭।୧: ଦେଶର ପ୍ରଥମ ହାଇଡ୍ରୋଜେନ କ୍ଷମତା ବିଶିଷ୍ଟ ଟ୍ରେନ ହରିୟାଣାରେ ଗଡିବ। ନର୍ଦନ ରେଲୱେର ଏହି ଆକାଂକ୍ଷୀ ପ୍ରକଳ୍ପ ଜିନ୍ଦ୍ ଏବଂ ସୋନିପତ ମଧ୍ୟରେ ଚାଲିବ। ଏନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ରହିଥିବା ହରିୟାଣା ସରକାରଙ୍କ ପକ୍ଷରୁ ସୂଚନା ମିଳିଛି । ଜିନ୍ଦରେ ସ୍ଥାପିତ ହାଇଡ୍ରୋଜେନ ପ୍ଲାଣ୍ଟ ଲାଗି ୧୧ କେଭି ବିଜୁଳି ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ହାଇଡ୍ରୋଜେନ ଟ୍ରେନ ଲାଗି ଏହି ୟୁନିଟ ଇନ୍ଧନ ଯୋଗାଇବ । ଏହି ପ୍ଲାଣ୍ଟର ଷ୍ଟୋରେଜ କ୍ଷମତା ରହିଛି ୩ ହଜାର କିଲୋଗ୍ରାମ । ଯାହା କାର୍ଯ୍ୟକ୍ଷମ ହେବାର ଚୂଡାନ୍ତ ପର୍ଯ୍ୟାୟରେ ରହିଛି । ଗତ ମାସ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଟ୍ରେନର ପରୀକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଟ୍ରେନ ଲାଗି ଇଲେକ୍ଟ୍ରୋଲିସିସ୍ ଧାରାରେ ହାଇଡ୍ରୋଜେନ ଉତ୍ପାଦନ ହେବ ବୋଲି ସେ କହିଥିଲେ ।

ସେହିଭଳି ରେଲୱେ ୨୦୨୫ ନଭେମ୍ବର ସୁଦ୍ଧା ଏହାର ନେଟୱର୍କର ୯୯.୨% ଅଂଶକୁ ବିଦ୍ୟୁତୀକରଣ କରିଛି । ଫଳରେ ଭାରତୀୟ ରେଲୱେ ଏହାକୁ ସବୁଠାରୁ ବ୍ୟାପକ ବିଦ୍ୟୁତୀକରଣ ହୋଇଥିବା ରେଳ ବ୍ୟବସ୍ଥା ମଧ୍ୟରେ ଅନ୍ୟତମ କରିଛି । ସାଧାରଣ ଲୋକଙ୍କ ରେଳଯାତ୍ରାକୁ ସୁଗମ କରିବା ଲାଗି ରେଲୱେ ରେକର୍ଡ ମଡର୍ଣ୍ଣ ଜେନେରାଲ ଏବଂ ଅଣ ଏସି କୋଚ୍ ଉତ୍ପାଦନ କରିଛି ।

ଏହା ଦ୍ୱାରା ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା ସୁବିଧା ସହ ସୁରକ୍ଷା ବଢ଼ିଛି । ଷ୍ଟେଶନ ଗୁଡ଼ିକର ଉନ୍ନତିକରଣ ହୋଇଛି। ଟିକେଟ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ୩୦ ଅମୃତ ଭାରତ ଟ୍ରେନ ସେବା ଆରମ୍ଭ କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ମିଳିଛି ।



ସ୍କୋଡାର ବିକ୍ରି ୧୦୭% ବଢ଼ିଲା, ୭୨,୬୬୫ ୟୁନିଟ ଗାଡି ବିକ୍ରି

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ୨୦୨୫ ସ୍କୋଡା ଅଟୋ ଇଣ୍ଡିଆ ଲାଗି ସ୍ମରଣୀୟ ବର୍ଷ ହୋଇଛି । ଘରୋଇ ବଜାରରେ କମ୍ପାନି ୨୫ ତମ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୭୨,୬୬୫ ୟୁନିଟ ଗାଡି ବିକ୍ରି ସହ ବ୍ରାଣ୍ଡ ବାର୍ଷିକ ଭିତ୍ତିରେ ୧୦୭% ବିକ୍ରି ଅଭିବୃଦ୍ଧି ହାସଲ କରିଛି । ୨୦୨୪ରେ କମ୍ପାନି ୩୫, ୧୬୬ ୟୁନିଟ ଯାନ ବିକ୍ରି କରିଥିଲା । ଉତ୍ପାଦ, ବଜାର, ଗ୍ରାହକ ଟଚ୍ପଏଣ୍ଟ ଦୃଷ୍ଟିରୁ ୨୦୨୫ ସ୍କୋଡା ଅଟୋ ଇଣ୍ଡିଆ ପାଇଁ ସର୍ବବୃହତ ବର୍ଷ ପାଲଟିଛି । ଏହି ଅବସରରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଆଶିଷ ଗୁପ୍ତା କହିଛନ୍ତି,୨୦୨୫ ବର୍ଷ ଆମ ପାଇଁ ସ୍ମରଣୀୟ । ଗ୍ରାହକ ଭରସା ଯୋଗୁ ଦୃଢ଼ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛୁ । କାଇଲାକ୍ ମଡେଲକୁ ଗ୍ରାହକ ଢେର ଭଲପାଇବା ଦେଇଛନ୍ତି। କୋଡିଆକ ମଡେଲ୍ ମଧ୍ୟ ବେଶ ପ୍ରଶଂସା ସାଉଣ୍ଟିଛି । ଅକ୍ଟାଭିଆର ଆର୍ଏସ୍ ଏହାର ଦୃଢ଼ତା ବଜାୟ ରଖିଛି । କୁସାକ ଏବଂ ସ୍ଲାଭିଆ ମଡେଲ ଗୁଡ଼ିକ ଅଭିବୃଦ୍ଧିରେ ଉଲ୍ଲେଖନୀୟ ଯୋଗଦାନ ଦେଉଛନ୍ତି । ୨୦୨୬ରେ ଗ୍ରାହକଙ୍କ ସହ ଯୋଡି ହେବା ଧାରା ରଆହୁରି ଦୃଢ଼ କରିବା ଆମ ଲକ୍ଷ୍ୟ ।



୬୦ବର୍ଷରେ ପ୍ରତି ମାସରେ ମିଳିବ ୩ହଜାର ଟଙ୍କା ପେନଶନ!



ନୂଆଦିଲ୍ଲୀ,୭।୧: ଭାରତରେ ଲକ୍ଷ ଲକ୍ଷ ଅସଂଗଠିତ ଶ୍ରମିକଙ୍କ ପାଇଁ, ବୃଦ୍ଧାବସ୍ଥାରେ ସବୁଠାରୁ ବଡ଼ ଚିନ୍ତା ହେଉଛି ଆର୍ଥିକ ସୁରକ୍ଷା। ନିୟମିତ ଆୟ ଏବଂ ସାମାଜିକ ସୁରକ୍ଷାର ଅଭାବ ପ୍ରାୟତଃ ବୃଦ୍ଧାବସ୍ଥାକୁ କଷ୍ଟକର କରିଥାଏ। ଏହି ସମସ୍ୟାକୁ ଧ୍ୟାନରେ ରଖି, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଆରମ୍ଭ କରିଛନ୍ତି, ଯାହାର ଲକ୍ଷ୍ୟ ଅସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ମାସିକ ପେନସନ ପ୍ରଦାନ କରିବା। ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୬୦ ବର୍ଷ ବୟସ ପରେ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ପ୍ରତି ମାସରେ ୩୦୦୦ ଟଙ୍କା ପେନସନ ସୁନିଶ୍ଚିତ କରିବା। ଏହି ଯୋଜନା ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ କମ୍ ଆୟରେ ବଞ୍ଚନ୍ତି ଏବଂ ଭବିଷ୍ୟତ ପାଇଁ ଯଥେଷ୍ଟ ସଞ୍ଚୟ କରିପାରନ୍ତି ନାହିଁ। ନିୟମିତ ଭାବରେ ଅଳ୍ପ ପରିମାଣର ଟଙ୍କା ଜମା କରି, ଶ୍ରମିକମାନେ ସେମାନଙ୍କର ବାର୍ଦ୍ଧକ୍ୟକୁ ଆର୍ଥିକ ଭାବରେ ସୁରକ୍ଷିତ କରିପାରିବେ। ୧୮ ରୁ ୪୦ ବର୍ଷ ବୟସର ଅସଂଗଠିତ ଶ୍ରମିକମାନେ ଏହି ଯୋଜନାରେ ସାମିଲ ହୋଇପାରିବେ। ଯୋଗ୍ୟତା ପାଇଁ ମାସିକ ୧୫,୦୦୦ କିମ୍ବା ତା'ଠାରୁ କମ୍ ଆୟ ଆବଶ୍ୟକ। ଏହି ଯୋଜନାରେ ରାସ୍ତା ବିକ୍ରେତା, ରିକ୍ସା ଚାଳକ, ଲୁଗା ବାଲା, ନିର୍ମାଣ ଶ୍ରମିକ, ଦୈନିକ ମଜୁରିଆ ଶ୍ରମିକ, କୃଷି ଶ୍ରମିକ, ଘରୋଇ ଶ୍ରମିକ, ବୁଣାକାର, କାରିଗର, ମତ୍ସ୍ୟଜୀବୀ ଏବଂ ଚମଡା ଶିଳ୍ପରେ କାର୍ଯ୍ୟରତ ଶ୍ରମିକଙ୍କ ଭଳି ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି।

୫ ହଜାର ଭ୍ୟୁରେ ବି ରୋଜଗାର କରିପାରିବେ ଟଙ୍କା



ନୂଆଦିଲ୍ଲୀ,୭।୧:(ସଂଚାର ବ୍ୟୁରୋ): ଲୋକମାନେ ୟୁଟ୍ୟୁବରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କିଛି ଦିନ ପୂର୍ବେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଜଣେ ଭାରତୀୟ ୟୁଟ୍ୟୁବରେ ଭିଡିଓ ତିଆରି କରି ବାର୍ଷିକ ୩୮ କୋଟି ରୋଜଗାର କରୁଛି। ଆଉ ଏଥିପାଇଁ ଅନେକ ନିୟମ ଅଛି, ଯାହା ବିଷୟରେ କ୍ରିଏଟରମାନଙ୍କୁ ଅବଗତ ରହିବା ଆବଶ୍ୟକ।

ହେଲେ ଆପଣ ଜାଣନ୍ତୁ କି ଯଦି ଆପଣଙ୍କ ଭିଡିଓରେ ୫ ହଜାର ଭ୍ୟୁ ଆସେ ତେବେ ଆପଣ କେତେ ରୋଜଗାର କରିପାରିବେ। ୟୁଟ୍ୟୁବର ପେ-ପର୍-ଭ୍ୟୁ ସିଷ୍ଟମ୍ କ୍ରିଏଟରମାନଙ୍କୁ ଟଙ୍କା ରୋଜଗାର କରିବାକୁ ଅନୁମତି ଦିଏ। ତଥାପି, ଏହା ନାମ ଅନୁଯାୟୀ ଏତେ ସରଳ ନୁହେଁ। ୟୁଟ୍ୟୁବ ଆପଣଙ୍କ ଭିଡିଓଗୁଡ଼ିକୁ ପାଉଥିବା ଭ୍ୟୁ ସଂଖ୍ୟା ଉପରେ ଆଧାର କରି ନୁହେଁ, ବରଂ ଆପଣଙ୍କ ଭିଡିଓରେ ଦେଖାଯାଉଥିବା ବିଜ୍ଞାପନ ସଂଖ୍ୟା ଉପରେ ଆଧାର କରି ଆପଣଙ୍କୁ ଟଙ୍କା ପ୍ରଦାନ କରେ। ଏହାର ଅର୍ଥ ହେଉଛି ଯଦି ଆପଣଙ୍କ ଭିଡିଓ ୧୦ ହଜାର ଭ୍ୟୁ ପାଏ କିନ୍ତୁ କୌଣସି ବିଜ୍ଞାପନ ନାହିଁ, ତେବେ ଆପଣ ରୋଜଗାର କରିପାରିବେ ନାହିଁ। ତଥାପି, ଯଦି ଆପଣଙ୍କ ଭିଡିଓ ୫ହଜାର ଭ୍ୟୁ ପାଏ, ତେବେ ଆପଣ କେବଳ ସେହି ୫ ହଜାର ଭ୍ୟୁ ପାଇଁ ଟଙ୍କା ରୋଜଗାର କରିବେ। ଭିଡିଓର ଭ୍ୟୁ ଅନୁସାରେ କେତେ ଟଙ୍କା ମିଳେ ? ଭିଡିଓର ଭ୍ୟୁରୁ କେତେ ରୋଜଗାର ହୁଏ ତାହାର କୌଣସି ସଠିକ୍ ଉତ୍ତର ନାହିଁ। ଯଦି ଆପଣ ୟୁଟ୍ୟୁବର ନିୟମ ପାଳନ କରନ୍ତି, ତେବେ ଆପଣଙ୍କର ରୋଜଗାର ସବସ୍କ୍ରାଇବର୍, ଦର୍ଶକ ଏବଂ ନିୟୋଜିତତା ଦ୍ୱାରା ନିର୍ଣ୍ଣୟ କରାଯାଏ। ତଥାପି, ଏହା ଆକଳନ କରାଯାଇଛି ଯେ ଆପଣ ପ୍ରତି ୫ହଦାର ଭ୍ୟୁ ପାଇଁ ୨୫-୭୫-ଡଲାର ମଧ୍ୟରେ ରୋଜଗାର କରିପାରିବେ। ତେବେ ଆପଣ ୟୁଟ୍ୟୁବରେ କେବଳ ଭିଡିଓ ପୋଷ୍ଟ କରି ଟଙ୍କା ରୋଜଗାର କରିପାରିବେ ତା ନୁହେଁ ରୋଜଗାର ପାଇଁ ଆହୁରି ଅନେକ ଉପାୟ ଅଛି। ଆପଣ ୟୁଟ୍ୟୁବ ପାର୍ଟନର ପ୍ରୋଗ୍ରାମରେ ଯୋଗ ଦେଇ ୟୁଟ୍ୟୁବ ପ୍ରିମିୟମ ସଦସ୍ୟତା ଫି, ଚ୍ୟାନେଲ ସଦସ୍ୟତା, ବାଣିଜ୍ୟିକ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପାୟ ମାଧ୍ୟମରେ ଟଙ୍କା ରୋଜଗାର କରିପାରିବେ। ସେହିପରି, ଆପଣ ଚ୍ୟାନେଲ ସଦସ୍ୟତା, ପ୍ରାୟୋଜିତ ବିଷୟବସ୍ତୁ ଏବଂ ଆଫିଲିଏଟ୍ ମାର୍କେଟିଂ ମାଧ୍ୟମରେ ଟଙ୍କା ରୋଜଗାର କରିପାରିବେ।

କାର୍ ଚଲେଇବ ଏଆଇ, ଦରକାର ପଡ଼ିବେନି ଡ୍ରାଇଭର

ନୂଆଦିଲ୍ଲୀ,୭।୧: ଦରକାର ପଡିବେନି ଡ୍ରାଇଭର । ଏବେ ଆପେ ଆପେ ଚାଲିବ କାର୍ । ପୁରା ମଣିଷ ଚଲାଇବା ଭଳି ଚାଲିବ ।

ଟେସଲାର ଅଟୋ ପାଇଲଟ୍ କାରଠୁ ବି ଉନ୍ନତ । ଏପରି ଏକ ସ୍ମାର୍ଟ୍ ଏବଂ ଆଡଭାନ୍ସଡ୍ ଏଆଇ ଟେକନୋଲୋଜି ବାବଦରେ ଘୋଷଣା କରିଛି ଏନଭିଡିଆ। ଏହାର ଏଆଇ ଟୁଲ୍ ଆଗାମୀ ଦିନରେ ସମ୍ପୂର୍ଣ୍ଣ ସଂଯୁକ୍ତଳିତ କାରକୁ ବାସ୍ତବତାର ରୂପ ଦେବ ବୋଲି ଲସ୍ ଭେଗାସର ଏକ କାର୍ଯ୍ୟକ୍ରମରେ କମ୍ପାନୀ କହିଛି।

ଲସ୍ ଭେଗାସରେ କନଜ୍ୟୁମର୍ ଇଲେକ୍ଟ୍ରୋନିକସ ଶୋର ଆୟୋଜନ କରାଯାଇଛି। ଏଥିରେ ଏନଭିଡିଆ ନୂଆ ନୂଆ ପ୍ରଡକ୍ଟକୁ ସାମ୍ନାକୁ ଆଣୁଛି। ଏହାସହ ଆଲପାମାୟୋ ନାମକ ଏକ ଏଆଇ ଟୁଲକୁ ମଧ୍ୟ ଉନ୍ମୋଚିତ କରାଯାଇଛି । ଏହା କାରକୁ ସ୍ୱୟଚାଳିତ କରିବା ପାଇଁ ଅନେକ ସାହାଯ୍ୟ କରିବ । ଖାଲି ଏତିକି ନୁହେଁ ଡ୍ରାଇଭର ଭଳି ଛୋଟରୁ ଛୋଟ ଘଟଣା ଉପରେ ନଜର ରଖିବ ।

ଅଧିକ ଟ୍ରାଫିକରେ ଗାଡି ଯେପରି ଆଉ କାହା ସହ ଧକ୍କା ନହୁଏ ଏବଂ ଓଭରଟେକିଂରେ ଯେପରି ଅସୁବିଧା ନହୁଏ ତାହାର ସମାଧାନ ଆଲପାମାୟୋ କରିପାରିବ। କମ୍ପାନୀର ସିଇଓ ଜାନସେନ୍ ହୁଆଙ୍ଗ୍ କହିଛନ୍ତି ଯେ, ଆଜି ସେମାନେ ଆଲପାମାୟୋକୁ ଦୁନିଆ ଆଗରେ ରଖୁଛନ୍ତି ।

ଏହା ବିଶ୍ୱ କାର୍ ଡ୍ରାଇଭିଂରେ ବିପ୍ଳବ ଆଣିବା ପାଇଁ ପ୍ରସ୍ତୁତ ରହିଛି । ଯାହା ସ୍ୱୟଂଚାଳିତ କାରକୁ ନୂଆ ଦିଗ ଦେବ । ଅର୍ଥାତ ଆଗାମୀ ଦିନରେ ମେସିନମାନେ ମଣିଷ ଭଳି ଭାବି ପାରିବେ । ନିଷ୍ପତ୍ତି ନେଇପାରିବେ ।



ଅଳଙ୍କାର ଦୋକାନରେ ହିଜାବ ହେଲମେଟ୍ ପିନ୍ଧିବା ଉପରେ ପ୍ରତିବନ୍ଧକ

ପାଟନା,୭।୧: ଆପଣ ଯଦି ହିଜାବ୍ କିମ୍ବା ଓଢ଼ଣୀ ପିନ୍ଧି ଅଳଙ୍କାର କିଣିବାକୁ ଯୋଜନା କରୁଛନ୍ତି, ତେବେ ଏହି ଖବର ପଢ଼ନ୍ତୁ । କୌଣସି ଅଳଙ୍କାର ଦୋକାନରୁ ଆପଣ ହିଜାବ୍ କିମ୍ବା ଓଢ଼ଣୀ ପିନ୍ଧି ଅଳଙ୍କାର କିଣିପାରିବେ ନାହିଁ।

ହିଜାବ ନୁହେଁ, ଆପଣଙ୍କୁ ଓଢ଼ଣୀ, ନିକାବ କିମ୍ବା ହେଲମେଟ ପିନ୍ଧି ଅଳଙ୍କାର କିଣିବାକୁ ମଧ୍ୟ ବାରଣ କରାଯିବ। ଅଲ୍ ଇଣ୍ଡିଆ ଜ୍ୱେଲର୍ସ ଆଣ୍ଡ୍ ଗୋଲ୍ଡ ଫେଡେରେସନ ଏଥିପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଛି।

ବିହାର ଏପରି ବ୍ୟବସ୍ଥା କାର୍ଯ୍ୟକାରୀ କରିଛି । ଦେଶର ଅନ୍ୟ କିଛି ରାଜ୍ୟରେ ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି । ଅନେକ ଅଳଙ୍କାର ଦୋକାନ ସମାନ ନୋଟିସ ପୋଷ୍ଟ କରିଛନ୍ତି । ଯେଉଁଥିରେ କୁହାଯାଇଛି ଯେ, ଅଳଙ୍କାର ଦୋକାନରେ ମାସ୍କ, ହେଲମେଟ, ବୁର୍ଖା କିମ୍ବା ନିକାବ ପିନ୍ଧିବା ନିଷେଧ ।

ଅଳଙ୍କାର ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ବର୍ମା କହିଛନ୍ତି ଯେ, ସମ୍ପ୍ରଦାୟ ନିର୍ବିଶେଷରେ ଅଳଙ୍କାର ବ୍ୟବସାୟ ସହିତ ଜଡିତ ସମସ୍ତ ଲୋକ ତାଙ୍କର ସଦସ୍ୟ।ଅଳଙ୍କାର ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଯଦି କେହି ଅପରାଧ କରନ୍ତି, ତେବେ ସେମାନଙ୍କୁ ତୁରନ୍ତ ଗିରଫ କରାଯାଇପାରିବ । ସେଥିପାଇଁ ଆମେ ପ୍ରଶାସନକୁ ମଧ୍ୟ ସହଯୋଗ କରୁଛୁ।



ହେଲମେଟ, ହିଜାବ, ନିକାବରେ ମୁହଁ ଘୋଡ଼ାଇଥିବା ମହିଳା କିମ୍ବା ପୁରୁଷମାନଙ୍କୁ ଆଉ ଦୋକାନ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ ଏପରି ଅନେକ ଘଟଣା ଘଟିଛି । ମୁହଁ ଲୁଚାଇ ଦୋକାନରେ ପ୍ରବେଶ କରି ଡକାୟତି କରିଛନ୍ତି ଡକାୟତ । ଦୋକାନଗୁଡ଼ିକରେ ଲାଗିଥିବା ସିସିଟିଭି କ୍ୟାମେରାରେ ମଧ୍ୟ ସେମାନଙ୍କ ମୁହଁ ଚିହ୍ନଟ କରାଯାଇ ପାରୁନାହିଁ ।

ଡାକ୍ତରଙ୍କ ଦୁଇ ଘଣ୍ଟା କାମ ବନ୍ଦ ଯୋଗୁଁ ରୋଗୀ ହଇରାଣ

ବଲାଙ୍ଗିର,୭।୧ (ସଂଚାର ବ୍ୟୁରୋ): ପୁର୍ବରୁ ଓଡ଼ିଶା ମେଡିକାଲ ସଙ୍ଘ ୧୦ ଦଫା ଦାବୀ ନେଇ କଲା ବ୍ୟତ ଧାରଣ କରି ଦିନକୁ ଗୋଟିଏ ଘଣ୍ଟା କାମ ବନ୍ଦ କରୁଥିଲେ,। ସରକାର ସେମାନଙ୍କ ଦାବି ଗ୍ରହଣ ନକରି ଆଲୋଚନାକୁ ଡ଼ାକି ନଥିବାରୁ ଗତ ୫ ତାରିଖ ଠାରୁ ଦୈନିକ ସକାଳ ୯ ଘଣ୍ଟା ରୁ ୧୧ ଘଣ୍ଟା ଅନ୍ୟ ଜିଲ୍ଲା ଭଳି ବଲାଙ୍ଗିର ଜିଲ୍ଲା ମୁଖ୍ୟ ଡାକ୍ତର ଖାନା, ଭିମା ଭୋଇ ମେଡିକାଲ କଲେଜ ସମେତ ଜିଲ୍ଲାର ସମସ୍ତ ସରକାରି ହସ୍ପିଟାଲ ରେ ଡାକ୍ତର ଆନ୍ଦୋଳନ ରେ ଥିବାରୁ ରୋଗୀ ସେବା ବ୍ୟାହତ ହୋଇଛି। ଅନ୍ୟ ପଖ୍ୟରେ ମେଡିକାଲ କଲେଜ ମୁଖ୍ୟ ଚିକିତ୍ସା ଲୟ ପରିସର ରୁ ସ୍ଥାନାନ୍ତର ହେବା ପରେ ପୁରୁଷ ମହିଳା ବରିଷ୍ଠ ନାଗରିକ ବିକଳାଙ୍ଗ ମାନଂକ ପାଇଁ ଗୋଟିଏ ମାତ୍ର ଝରକାରେ ଔଷଦ ବିତରଣ ହେଉଥିବାରୁ ବରିଷ୍ଠ ନାଗରିକ ମହିଳା ରୋଗୀ ହଇରାଣ ହେଉଥିବା ଦେଖାଯାଉଚି।

ବିଧବା ମହିଳାଙ୍କୁ ବିବାହ ପତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗ

ରାଜନଗର,୭।୧ (ସଂଚାର ବ୍ୟୁରୋ): ରାଜନଗର ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବିବାହର ପତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଓ ତାଙ୍କର ଓ ତାଙ୍କ ମୃତ ସ୍ୱାମୀଙ୍କ ଟଙ୍କା ଲୁଟିଆ ନେଇଥିବା ନେଇ ଆଜି ରାତିରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ବିଧବା ମହିଳା ଜଣଙ୍କ ଆଜି ଥାନାରେ କରିଥିବା ଅଭିଯୋଗ ମୁତାବକ ୨ ବର୍ଷ ତଳେ ତାଙ୍କର ସ୍ୱାମୀ ମୃତ୍ୟୁବରଣ କରିଛନ୍ତି। ତାଙ୍କର ୧୮ ବର୍ଷର ଗୋଟିଏ ଝିଅ ଅଛି। ସାନ ମର୍ଚାପଲ୍ଲୀ ଗାଁର ଶ୍ୟାମ ସୁନ୍ଦର ରାଉତ ମୋର ଅସହାୟତାର ସୁଯୋଗ ନେଇ ବିଭିହନ ସରକାରୀ ସାହାର୍ଯ୍ୟ କରାଇଦେବାର ପତିଶ୍ରୁତି ଦେଇଥିଲେ। ବିଭିହନ ସରକାରୀ ସହାୟତା କରାଇ ଦେବାର ପ୍ରଲୋଭନ ଓ ବିବାହର ପତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ତାଙ୍କ ଅନିଚ୍ଛା ସତ୍ତେ ଜୋର ଜବରଦସ୍ତ ସମ୍ପର୍କ ରଖିଥିଲେ। ତାଙ୍କୁ ବାରମ୍ବାର ଗର୍ଭବତୀ କରାଇ ମେଡ଼ିସିନ ଦ୍ୱାରା ନଷ୍ଟ କରିଛନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ମିଳିଥିବା ବିଭିନ୍ନ ସରକାରୀ ସହାୟତା, ସୁଭଦ୍ରା ଟଙ୍କା , ସ୍ୱୟଂସହାୟକ ଗୋଷ୍ଠୀ ଅର୍ଥ ମିଶାଇ ୨ ଲକ୍ଷ ୫୪ ହଜାର ଟଙ୍କା ନେଇଯାଇଛି। ବିବାହ କଥା କହିବାରୁ ତାଙ୍କୁ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ମହିଳା ଆଜି ରାତିରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି।

ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା-୨୦୨୬ର ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୭।୧ (ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟାରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଏବଂ ଆତ୍ମନିର୍ଭର ସ୍ୱଦେଶୀ ମେଳା ଆୟୋଜନ ନେଇ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସଙ୍ଗିଳନୀ କକ୍ଷ ଠାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଡିଏସ୍‌ପି ଡିଆଇଡ଼ି ଲକ୍ଷ୍ମୀ ନାରାୟଣ ତିୱାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ନିର୍ବାହୀ ଅଧିକାରୀ କେନ୍ଦ୍ରାପଡ଼ା ମୁନିସିପାଲିଟି ଅଜିତ ନାରାୟଣ ପ୍ରସାଦ ଗିରି, ଡେପୁଟି ସିଇଓ ଓରମାସ ନିରୋଦ କୁମାର ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଏଲ୍‌ଡିଏମ୍ ରମାକାନ୍ତ ମାଝୀ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆଇନ ଶୃଙ୍ଖଳା, ଟ୍ରାଫିକ, ଅତିଥି ରହଣି, ଆଗମନ, ସାଂସ୍କୃତିକ ଦଳ, ଷ୍ଟେଜ, ବ୍ୟାରିକେଡ, ଷ୍ଟେଜ ପରିଚାଳନା, ପରିମଳ, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏଠାରେ ପ୍ରକାଶ ଥାଉ କି, ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଏବଂ ଆତ୍ମନିର୍ଭର ସ୍ୱଦେଶୀ ମେଳା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଆସନ୍ତା ୧୨ ଜାନୁଆରୀ ଆରମ୍ଭ ହୋଇ ୧୭ ଜାନୁଆରୀରେ ସମାପ୍ତ ହେବ।

ବାଟବଣା ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା

● ଗରୀବଙ୍କୁ ମିଳୁନି ଘର ● ଦୁଇ ବର୍ଷ ହେଲା ପରଘରେ ନେଇଛନ୍ତି ଆଶ୍ରୟ



କନ୍ଧମାଳ,୭।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାରଙ୍ଗଡ଼ ବିଶୋଇ ସାହିର ସାରଦା ବିଶୋଇ ଏକ ଭଙ୍ଗା ଦଦରା ଘରେ ଦୟନୀୟ ଭାବରେ ଦିନ କାଟୁଥିଲେ। ଘର ଭାଙ୍ଗି ଯିବାରୁ ଦୁଇବର୍ଷ ହେଲା ପରଘରେ ଆଶ୍ରୟ ନେଇଛନ୍ତି। କୁଲି ମଜୁରି ଯାଇ ଯେତିକି ମିଳୁଛି ସେତିକିରେ ପରିବାର ଚଳିବା କାଠିକର ପାଠ, ପୁଣି ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି ।

ଏପରି ବିପଦ ସଙ୍କୁଳ ଘରେ ପରିବାର ଧରି ସାରଦା ବିଶୋଇ ରାତ୍ରିଯାପନ କରୁଥିଲେ । ଗତ ଦୁଇ ବର୍ଷ ହେଲା ବର୍ଷା ପବନରେ ଘର ଭୁଶୁଡ଼ି ଯିବାରୁ ଉପାୟଶୂନ୍ୟ ହୋଇ ଅନ୍ୟଜଣଙ୍କ ଘରକୁ ଯାଇ ସେଠାରେ ଚାରି ପାଣି କୁଟୁମ୍ବ ରହି ଆସୁଛନ୍ତି। ଘର ମରାମତି କରିବା ପାଇଁ ହାତରେ ସମ୍ବଳ ନାହିଁ । ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କେହି ଦୃଷ୍ଟିଦେଉ ନାହାନ୍ତି ବୋଲି କହିଛନ୍ତି। ପରିବାର ଲୋକେ ଘର ଖଣ୍ଡିଏ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ଏଠାରେ ଫେଲ୍ ମାରିଛି ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା।

ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସାରଦା ବିଶୋଇଙ୍କୁ ଆବାସ ଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟପଟେ ଦେଖିବାକୁ ବାକି ରହିଲା ସରକାର ଗରିବ ମୁଣ୍ଡକୁ ଛାତ କେବେ ଯୋଗାଇ ଦେଉଛି ।

ଧାମନଗରରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଶାଖା ଉଦ୍‌ଘାଟିତ



ଧାମନଗର,୭।୧ (ସଂଚାର ବ୍ୟୁରୋ): ଧାମନଗର ଏନଏସି ଅନ୍ତର୍ଗତ ଜୟନଗର ଚୁନୁପଡା ଛକ ନିକଟରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାରିପଦା ମଣ୍ଡଳ ଅଧୀନରେ ୩୭ତମ ଶାଖା ଉଦଘାଟିତ ହୋଇଯାଇଛି। ଦେଶର ପ୍ରମୁଖ ରାଷ୍ଟ୍ରାୟତ ବ୍ୟାଙ୍କ ମଧ୍ୟରେ ଅନ୍ୟତମ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏହି ଶାଖାକୁ ବାରିପଦା ଜୋନର ଆଞ୍ଚଳିକ ପ୍ରବନ୍ଧକ କମଲେଶ ରଞ୍ଜନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ (ଜୟନଗର) ଶାଖାର ଧାମନଗର ପରିଚାଳକ ସରୋପଦାସ ମହାପାତ୍ର, ଆଞ୍ଚଳିକ କାର୍ଯ୍ୟାଳୟ ବାରିପଦାର ଶାଖା ପ୍ରବନ୍ଧକ କିଶୋର କୁମାର ପଣ୍ଡା ଓ ବ୍ୟାଙ୍କର କର୍ମଚାରୀ ଚନ୍ଦ୍ରଶେଖର ଆଚାର୍ଯ୍ୟ, ସାତ୍ୟକି କବିରାଜ, କୋଷାଧକ୍ଷ ସୁଧାଂଶୁ ଶେଖର ପଞ୍ଚୁଆ ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଧାମନଗର ଭଳି ବହୁ ଜନଗହଳି ସହରାଞ୍ଚଳରେ ନୂତନ ଶାଖା ମାଧ୍ୟମରେ ସାଧାରଣ ଲୋକଙ୍କୁ ସଞ୍ଚୟ ଖାତା, ଗୃହ, ଶିକ୍ଷା, କୃଷି ଋଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱାବଲମ୍ବନ ହେବା ସହିତ ସହଜ ସୁଧ ହାରରେ ବିଭିନ୍ନ ଋଣ ସୁବିଧା ଯୋଗାଇ ଦିଆଯିବ। ଏହି ଶାଖା ମାଧ୍ୟମରେ ଡିଜିଟାଲ ବ୍ୟାଙ୍କିଙ୍ଗ, ଏଟିଏମ୍,ଅନ୍‌ଲାଇନ ଟ୍ରାଞ୍ଜାକ୍ସନ, ମୋବାଇଲ ବ୍ୟାଙ୍କିଙ୍ଗ ଭଳି ଆଧୁନିକ ସୁବିଧା ଗ୍ରାହକଙ୍କୁ ମିଳିବ ବୋଲି ଶାଖା ପ୍ରବନ୍ଧକ ଦାସ ମହାପାତ୍ର ସୂଚନା ଦେଇଛନ୍ତି।

◆ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍ ଶ୍ରୀ ଉତ୍ସବ

ଚରିତ୍ର ଗଠନ ପାଇଁ ନୈତିକ ଶିକ୍ଷା ଦିଅ



କାକଟପୁର/ଅସ୍ତରଙ୍ଗ, ୭।୧ (ସଂଚାର ବ୍ୟୁରୋ): ବର୍ତ୍ତମାନ ସମୟରେ ଚରିତ୍ରବାନ ହେବାକୁ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ଦେବାର ଆବଶ୍ୟକତା ରହିଛି। କ୍ୟାରିୟର ଗଠନ ନିଷ୍ପତି ପିଲାଙ୍କୁ ନେବାକୁ ଦିଅନ୍ତୁ। ସମସ୍ତେ ଡକ୍ଟର, ଇଞ୍ଜିନିଅର, ବୈଜ୍ଞାନିକ ହେବାକୁ ସ୍ୱପ୍ନ ନ ଦେଖି ସଫଳ ମଣିଷଟିଏ ହେବାକୁ ଚେଷ୍ଟା କରନ୍ତୁ। ବଡ଼ ଲୋକ ନୁହେଁ। ଭଲ ମଣିଷ ହେବା ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନ କରିବା। ଏ କ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ସମସ୍ତେ ସଂକଳ୍ପ ନେବା କହିଛନ୍ତି ମୁଖ୍ୟ ଅତିଥି କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ଇଂ ତୁଷାରକାନ୍ତି ବେହେରା।

ମଙ୍ଗଳବାର ଦିନ ପୁରୀ ଜିଲ୍ଲା କାକଟପୁର ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ସମ୍ମାନିତ ଅତିଥି ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଜଗତସିଂହପୁର ସାଂସଦଙ୍କ କାକଟପୁର ବ୍ଲକ ପ୍ରତିନିଧି କୈଳାଶ ନାୟକ, ମଣ୍ଡଳ ଶିକ୍ଷାଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ସମାଜସେବୀ ଜ୍ଞାନ ରଞ୍ଜନ ସାହୁ, ନିରୋଦ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ରୀନାଲତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ପିଏମ୍ ଶ୍ରୀ ପ୍ରଥମ ଉତ୍ସବ ସ୍ଥଳରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ କ୍ରୀଡାଙ୍ଗନା, ସାହିତ୍ୟ, କୌଶଳୀ, ବ୍ୟବସାୟ ବାଣିଜ୍ୟ ସମ୍ପର୍କିତ ୧୩ଟି ଷ୍ଟଲ ଖୋଲା ଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ଦେଶାତ୍ମକ ବୋଧ, ଭଜନ ନୃତ୍ୟ ସମେତ ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ପରିଚାଳନା କମିଟି, ଆଲୁମିନି କମିଟି ସଦସ୍ୟ, ସଦସ୍ୟା ପରିଚାଳନା କରିଥିବା ବେଳେ ଅଭିଭାବକ, ଶିକ୍ଷାବିତି ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

ବାୟୁ ପ୍ରଦୂଷଣ ପାଇଁ ମୟୂରଭଞ୍ଜରେ କଟକଣା

ବାରିପଦା,୭।୧ (ସଂଚାର ବ୍ୟୁରୋ): ଗତକିଛି ଦିନ ହେଲା ମୟୂରଭଞ୍ଜରେ ବାୟୁ ପ୍ରଦୂଷଣ ଖୁବ୍ ଦ୍ରୁତ ଗତିରେ ବଢ଼ିଚାଲିଛି। ବାୟୁର ଗୁଣବତ୍ତା(ଏକ୍ୟୁଆଇ) ବିଭିନ୍ନ ପ୍ରଦୁଷକ କାରକର ମାତ୍ରା ବଢ଼ି ଚାଲିଥିବାରୁ ଏବେ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ରହିଛି । ଏଣୁ ଜିଲ୍ଲାରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକର ନିଷ୍ପତି କ୍ରମେ ଜନସାଧାରଣଙ୍କ ପାଇଁ ବିଭିନ୍ନ କଟକଣା ଜାରି କରାଯାଇଛି ।

ଜିଲ୍ଲାରେ ବାୟୁ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏବଂ ଗ୍ରାପ ଷ୍ଟେଜ୍-୨ ମାର୍ଗଦର୍ଶିକା ଅନୁସାରେ, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା-୧୬୩ ଅନୁଯାୟୀ ବାୟୁ ପ୍ରଦୂଷଣକୁ ରୋକିବାକୁ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି । ଏହି କଟକଣା ବାରିପଦା ମ୍ୟୁନିସିପାଲିଟି ସମେତ ଜିଲ୍ଲାର ସମସ୍ତ ଏନ୍‌ଏସି, ପୌରାଞ୍ଚଳରେ ଆଗାମୀ ୭ ଦିନ ଯାଏଁ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହାର ଅବଧି ବୃଦ୍ଧି କରାଯିବ ।

ବାରିପଦା ସହର ସମେତ ଜିଲ୍ଲାର ଅନ୍ୟ ସମସ୍ତ ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ବିନା ପାଲରେ ଟ୍ରକ୍ ସମେତ ଟ୍ରାକଟର ଏବଂ ଅନ୍ୟାନ୍ୟ ମାଲବୁହା ଗାଡି ଜାତୀୟ ରାଜପଥ, ରାଜ୍ୟ ରାଜପଥରେ ଚଳାଚଳ କରିପାରିବ ନାହିଁ। ଆବର୍ଜନା ଜଳାଇବା, ଢାବାରେ କୋଇଲା ଜଳାଇବା ଏବଂ ଯେକୌଣସି ପ୍ରକାର ଖୋଲାରେ ନିଆଁ ଜାଳିବାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ପକ୍ଷରୁ କୋଇଲା, ଖଣିଜ ଓ ଫ୍ଲାଏଆସ୍ ବୋଝେଇ ଟ୍ରକ୍‌ଗୁଡ଼ିକର ଦିନରେ ଚଳାଚଳ ଉପରେ ପୃଥକ କଟକଣା ଜାରି କରାଯିବ । ଆବଶ୍ୟକ ଅନୁମତି ବିନା କୌଣସି ଇଟାଭାଟି ଚାଲିବ ନାହିଁ । ସହରାଞ୍ଚଳ, ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସମସ୍ତ ରାସ୍ତାରେ ପ୍ରତ୍ୟେକ ୩ ଘଣ୍ଟା ବ୍ୟବଧାନରେ ପାଣି ସିଞ୍ଚନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସମସ୍ତ ୟୁଏଲବି(ବିଜ୍ଞାପିତ ଅଞ୍ଚଳ ଓ ଏନ୍‌ଏସି)କୁ ରାସ୍ତା ପରିଷ୍କାର ସହ ନିୟମିତ ବ୍ୟବଧାନରେ ଧୂଳି ତଥା ଅଳିଆ ସଫା କରିବାକୁ କୁହାଯାଇଛି । ପୁଲିସ, ମ୍ୟୁନିସିପାଲିଟି, ଏନ୍‌ଏସି, ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା, ଆର୍‌ଟିଓଙ୍କୁ ନିୟମ କଡ଼ାକଡ଼ି ସୁନିଶ୍ଚିତ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଶିଶୁ ଯତ୍ନ ଅନୁଷ୍ଠାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବଲାଙ୍ଗିର,୭।୧ (ସଂଚାର ବ୍ୟୁରୋ): ଦେଓଗାଁ ବ୍ଲକ ଅଧିନସ୍ଥ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନରେ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ପରିଚାଳକ ଡା. ଚିତ୍ତରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବଲାଙ୍ଗିର ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଭାରପ୍ରାପ୍ତ ଅଧକ୍ଷ ଲିନା ବାବୁ, ଅନୁଷ୍ଠାନର ସମ୍ପାଦକ ଭୁବନେଶ୍ୱର ସାମଲ, ଉପଦେଷ୍ଟା ନନ୍ଦି କିଶୋର ଷାଣ୍ଡ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରତିନିଧି ଶିକ୍ଷକ ସୁଶାନ୍ତ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ତଥା ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ଆଲୋଚନା କରି ଅନ୍ତେବାସୀମାନଙ୍କୁ ବକ୍ତବ୍ୟ ମାଧ୍ୟମରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ଅନ୍ତେବାସୀ, ଛାତ୍ରଛାତ୍ରୀ ଏବଂ ସମସ୍ତ କାର୍ଯ୍ୟକର୍ତ୍ତା ନଗର ପରିକ୍ରମା କରିଥିଲେ। ସ୍ୱଚ୍ଛତା ହିଁ ସେବା ବିଷୟରେ ଛାତ୍ର, ଛାତ୍ରୀମାନଙ୍କ ଦ୍ୱାରା ବକ୍ତବ୍ୟ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଶିଶୁ ମଙ୍ଗଳ ଅଧିକାରୀ ସମୀର ସାଗର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗତିକୃଷ୍ଣ ସାହୁ, ସାନନ୍ଦ ଷଡ଼ଙ୍ଗୀ, ନିବେଦିତା ସାମଲ, ଠାକୁର ଭୋଇ, ଚତୁର୍ଭୁଜ ଭୋଇ, ରମାକାନ୍ତ ସାହୁ, ସାନନ୍ଦ ଭୋଇ, ବିରାଟ ସାମଲ, ବୈଶାଖୁ ପଧାନ ସହଯୋଗ କରିଥିଲେ।

ଗଙ୍ଗାରାମପୁର ଓ ଡାମରପୁରରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭିତ୍ତି ସ୍ଥାପନ

ପଟ୍ଟାମୁଣ୍ଡାଇ,୭।୧ (ସଂଚାର ବ୍ୟୁରୋ): ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସରକାର ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟର ବିଭିନ୍ନ ଅଂଚଳରେ ଖୋଲାଯିବାକୁ ଥିବା ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିଡ଼ିଓ କନଫରେନ୍ସ ଯୋଗେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଂଚା

ସଂଚାର SANCHAR

ଗୁରୁବାର ୮ ଜାନୁଆରୀ ୨୦୨୬

ସିନେମା

ଚିରଞ୍ଜୀବୀଙ୍କ ମନ ଜିଣିନେଲେ ପ୍ରଭାସ



କେବଳ ଅଭିନୟ ଦକ୍ଷତା ପାଇଁ ନୁହେଁ, ଉତ୍ତମ ବ୍ୟବହାର ପାଇଁ ବି ସମସ୍ତଙ୍କ ପ୍ରିୟ ତାରକା ବନିଛନ୍ତି ତେଲୁଗୁ ସୁପର୍‌ଷ୍ଟାର୍ ପ୍ରଭାସ। ନିଜ ସିନେମାର ପ୍ରି-ରିଲିଜ୍ ଇଭେଣ୍ଟ୍‌ରେ ବରିଷ୍ଠ କଳାକାରଙ୍କ ସିନେମା ବି ବ୍ଲକ୍‌ବଷ୍ଟର୍ ହେଉ ବୋଲି କହିବାର ବଡ଼ପଣ ପ୍ରଭାସଙ୍କୁ ପ୍ରଶଂସକଙ୍କ ଦୃଷ୍ଟିରେ ବାସ୍ତବ ହିରୋ ସଜାଇଛି।

ଆଗକୁ ରିଲିଜ୍ ହେବାକୁ ଯାଉଛି ପ୍ରଭାସଙ୍କ ଅଭିନୀତ ନୂଆ ସିନେମା 'ରାଜାସାବ୍'। ଏହାର ପ୍ରି-ରିଲିଜ୍ କାର୍ଯ୍ୟକ୍ରମରେ ପ୍ରଭାସ ଦର୍ଶକଙ୍କୁ ସମ୍ବୋଧିତ କରିବା ବେଳେ ତାଙ୍କ ଫିଲ୍ମ ସମେତ ମକର ସଂକ୍ରାନ୍ତି ଅବସରରେ ରିଲିଜ୍ ହେବାକୁ ଯାଉଥିବା ୫ଟିଯାକ ସିନେମା ବ୍ଲକ୍‌ବଷ୍ଟର୍ ହେଉ ବୋଲି କହି ସମସ୍ତଙ୍କ ମନ ଜିଣିଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏକ ମନ୍ତବ୍ୟ ପାଇଁ ସେ ଏବେ ସୋସିଆଲ୍ ମିଡିଆରେ ପ୍ରଶଂସା ସାଉଁଟୁଛନ୍ତି। ସେ କହିଥିଲେ,'ବରିଷ୍ଠମାନେ ସର୍ବଦା ବରିଷ୍ଠ। ଆମେ ସେମାନଙ୍କଠାରୁ ଶିଖୁଛୁ, ସେମାନଙ୍କୁ ଅନୁକରଣ କରୁଛୁ ଓ ଆମେ ସବୁବେଳେ ସେମାନଙ୍କ ପଛରେ ହିଁ ରହିବୁ।" ପ୍ରଭାସଙ୍କ ଏହି ମନ୍ତବ୍ୟ ମେଗାଷ୍ଟାର୍ ଚିରଞ୍ଜୀବୀଙ୍କ ଉଦ୍ଦେଶ୍ୟରେ ଥିଲା ବୋଲି ପ୍ରଶଂସକମାନେ ଅନୁମାନ କରିଛନ୍ତି। କାରଣ ଚିରଞ୍ଜୀବୀଙ୍କ ଅଭିନୀତ "ମନ ଶଙ୍କରା ବରପ୍ରସାଦ ଗାରୁ" ମକରରେ ରିଲିଜ୍ ହେବାକୁ ଥିବା ୫ଟି ଫିଲ୍ମ ମଧ୍ୟରେ ରହିଛି। ବରିଷ୍ଠ କଳାକାରଙ୍କ ପ୍ରତି ପ୍ରଭାସଙ୍କର ଏଭଳି ସମ୍ମାନ ପ୍ରଶଂସକଙ୍କ ନିକଟରେ ପୁଣି ତାଙ୍କ ଭଲପଣିଆକୁ ପ୍ରମାଣିତ କରିଛି। ପ୍ରଭାସଙ୍କୁ ସେମାନେ ଏବେ କେବଳ ସୁପର୍‌ଷ୍ଟାର୍ ନୁହେଁ, ହୃଦୟ ଜିଣିବା ପରି ଜଣେ ସୁପର୍‌ଷ୍ଟାର୍ ବୋଲି କହୁଛନ୍ତି।



ଜାନୁଆରୀ ୯ରେ ଟ୍ରେଲର୍ ରିଲିଜ୍ ହେବ 'ମା ଇନତି ବାଙ୍ଗାରାମ'



ଦକ୍ଷିଣ ଭାରତୀୟ ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଖୁବ୍ ଶୀଘ୍ର ତାଙ୍କ ପ୍ରଶଂସକମାନଙ୍କୁ ଆକ୍ସନ୍ ଏବଂ ଡ୍ରାମାରେ ପରିପୂର୍ଣ୍ଣ ଏକ ନୂତନ ଚଳଚ୍ଚିତ୍ର ଦେଖାଇବେ। ତାଙ୍କର ଆଗାମୀ ତେଲୁଗୁ ଚଳଚ୍ଚିତ୍ର ହେଉଛି "ମା ଇନତି ବାଙ୍ଗାରାମ"। ନିର୍ମାତାମାନେ ଚଳଚ୍ଚିତ୍ର ପାଇଁ ସାମନ୍ଥାଙ୍କ ପ୍ରଥମ ଲୁକ୍ ରିଲିଜ୍ କରିଛନ୍ତି, ଯାହା ପ୍ରଶଂସକମାନଙ୍କୁ ବହୁତ ଉତ୍ସାହିତ କରିଛି। ସାମନ୍ଥାଙ୍କ ସ୍ୱାମୀ ରାଜ ନିଦିମରୁ "ମା ଇନତି ବଙ୍ଗାରାମ" ନିର୍ମାଣ କରୁଛନ୍ତି।

ଶାଢ଼ିରେ ସାମନ୍ଥାଙ୍କ ଆକ୍ସନ୍ ଅବତାର:

ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ଇନ୍ ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଫିଲ୍ମର ପ୍ରଥମ ଲୁକ୍ ସେୟାର କରିଥିଲେ, ଯାହା ତୁରନ୍ତ ଭାଇରାଲ୍ ହୋଇଥିଲା। ଏହି ଲୁକ୍‌ରେ ସାମନ୍ଥା ଏକ ବସ୍‌ରେ ଶାଢ଼ି ପିନ୍ଧି ଠିଆ ହୋଇଥିବାର ଦେଖାଯାଉଛି। ତାଙ୍କ ମୁହଁରେ କ୍ରୋଧ ସ୍ପଷ୍ଟ ଭାବରେ ଦେଖାଯାଉଛି। ତାଙ୍କର ଲୁକ୍ ସମ୍ପୂର୍ଣ୍ଣ ଭାବରେ ଆକ୍ସନ୍ ମୋଡ୍‌ରେ ଥିବା ପରି ମନେ ହେଉଛି। ତାଙ୍କ ଲୁକ୍ ଦେଖି ଲାଗୁଛି ଯେ ଫିଲ୍ମରେ ତାଙ୍କ ଚରିତ୍ର କେବଳ ଗ୍ଲାମରସ୍ ନୁହେଁ ବରଂ ବୋଲ୍ଡ ଏବଂ ଶକ୍ତିଶାଳୀ ମଧ୍ୟ ହେବ।


ଫିଲ୍ମର ଟ୍ରେଲର ରିଲିଜ୍ ତାରିଖ

ଫିଲ୍ମର ସାମନ୍ଥାଙ୍କ ପ୍ରଥମ ଲୁକ୍ ସହିତ, ସେ ପ୍ରଶଂସକଙ୍କ ସହ ଟ୍ରେଲରର ରିଲିଜ୍ ତାରିଖ ମଧ୍ୟ ଘୋଷଣା କରିଛନ୍ତି। ଟ୍ରେଲରଟି ଜାନୁଆରି ୯, ୨୦୨୬ ରେ ସକାଳ ୧୦ ଟାରେ ରିଲିଜ୍ ହେବ। ପ୍ରଶଂସକମାନେ ଏହାର ରିଲିଜ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଟିଜରରେ ଫିଲ୍ମର କାହାଣୀ ଏବଂ ସାମନ୍ଥାଙ୍କ ଚରିତ୍ର ମଧ୍ୟ ପ୍ରକାଶ ପାଇବ।

"ମା ଇନତି ବାଙ୍ଗାରାମ" ସହିତ ପ୍ରଶଂସକମାନେ ସାମନ୍ଥାଙ୍କ ଆଗାମି ୱେବ୍ ସିରିଜ୍ "ରକ୍ତ ବ୍ରହ୍ମାଣ୍ଡ"କୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହି ସିରିଜ୍ ମଧ୍ୟ ଦର୍ଶକଙ୍କ ପାଇଁ ଏକ ରୋମାଞ୍ଚକର, ଆକ୍ସନ୍-ଭରା ଅଭିଜ୍ଞତା ଦେବାକୁ ଯାଉଛି। ତେଣୁ ୨୦୨୬ ରେ ଦୁଇଟି ପ୍ରମୁଖ ପ୍ରୋଜେକ୍ଟ ସହିତ ତାଙ୍କ ପ୍ରଶଂସକମାନଙ୍କୁ ରୋମାଞ୍ଚ ଏବଂ ସସପେନ୍ସର ପୂର୍ଣ୍ଣ ଡୋଜ୍ ଦେବାକୁ ପ୍ରସ୍ତୁତ ହୋଇଛନ୍ତି।



'ନାୟକ ୨' ନିଶ୍ଚିତ



୨୫ ବର୍ଷ ପରେ ପୁଣି ପରଦାରେ ନଜର ଆସିବେ ଶିବାଜୀ ରାଓ।୨୦୦୧ ମସିହାରେ ଏହାର ପ୍ରଥମ ଭାଗରେ ମଧ୍ୟ ଅନିଲ କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଅନେକ ସଫଳତା ହାସଲ କରିଥିଲା। ଘରେ ଘରେ ପରିଚିତ ୨୦୦୧ରେ 'ନାୟକ' ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବା ପରେ ଏକ କଲ୍ଟ କ୍ଲାସିକ୍ ହୋଇଗଲା। ଏହାକୁ ତାଙ୍କ କ୍ୟାରିଅରର ସର୍ବୋତ୍ତମ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଚଳଚ୍ଚିତ୍ରରେ ଅନିଲ କପୁର ଜଣେ ସାମ୍ବାଦିକଙ୍କ ଚରିତ୍ରରେ ଅଭିନୟ କରିଥିଲେ ଯିଏ ସଂଯୋଗବଶତଃ ଗୋଟିଏ ଦିନ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଯାଆନ୍ତି। ବର୍ତ୍ତମାନ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାର ୨୫ ବର୍ଷ ପରେ, ଏହା ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନିଶ୍ଚିତ ଖବର ସାମ୍ନାକୁ ଆସିଛି।

'ନାୟକ'ର ସିକ୍ୱେଲ୍ ବିଷୟରେ ବହୁତ ଦିନ ଧରି ଖବର ଆସୁଛି। କିନ୍ତୁ ଏବେ ଫିଲ୍ମର ପ୍ରଯୋଜକ ଦୀପକ ମୁକୁଟ୍ ଗଣମାଧ୍ୟମକୁ ନିଶ୍ଚିତ କରିଛନ୍ତି ଯେ ଏହି ଫିଲ୍ମର ସିକ୍ୱେଲ୍ ପାଇଁ ପ୍ରସ୍ତୁତି ଚାଲିଛି। ସେ କହିଛନ୍ତି ଯେ ସେ ଏବଂ ଅନିଲ କପୁର ଏହି ସିକ୍ୱେଲ୍ ସହ-ପ୍ରଯୋଜନା କରିବେ। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଅନିଲ କପୁର ମଧ୍ୟ ଏହି ଫିଲ୍ମରେ ଅଭିନୟ କରିବେ।



'ଭାରତ ଭାଗ୍ୟ ବିଧାତା' ସୁଟିଂ ଆରମ୍ଭ

ନୂଆଦିଲ୍ଲୀ ୦୭।୦୧: ରାଜନୀତିରେ ପ୍ରବେଶ ଏବଂ ହିମାଚଳ ପ୍ରଦେଶର ମଣ୍ଡି ନିର୍ବାଚନମଣ୍ଡଳୀରୁ ଲୋକସଭା ନିର୍ବାଚନ ଜିତିବା ପରେ ଅଭିନୟରୁ ବ୍ରେକ୍ ନେଇଥିଲେ କଙ୍ଗନା ରଣାୱତ୍। ସେବେଠୁ ରାଜନୀତି ଜୀବନରେ ସେ ବ୍ୟସ୍ତ ରହିଛନ୍ତି। ଏବେ ସେ ପୁଣି ସେହି ଜାଗାକୁ ଫେରିଛନ୍ତି,ଯେଉଁଠୁ କ୍ୟାରିଅର୍ ଆରମ୍ଭ କରିଥିଲେ । ନିଜର ଅପକମିଂ ପ୍ରୋଜେକ୍ଟର ସୁଟିଂ ଆରମ୍ଭ କରିଛନ୍ତି। ଏ ବିଷୟରେ ସେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ମୈଦାନକୁ ଫେରିଛନ୍ତି ବୋଲି ନିଜ ଇନଷ୍ଟାଗ୍ରାମ୍ ଷ୍ଟୋରୀ ଜରିଆରେ ଫ୍ୟାନ୍ସ ସୂଚନା ଦେଇଛନ୍ତି କଙ୍ଗନା। ଆଗାମି ଦେଶାତ୍ମବୋଧ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'ର ସୁଟିଂ ସେ ଆରମ୍ଭ କରିଛନ୍ତି। କଙ୍ଗନାଙ୍କୁ ବଡ଼ ପରଦାରେ ଦେଖିବାକୁ ତାଙ୍କ ଫ୍ୟାନ୍ ଖୁବ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଶେଷ ଥର 'ଏମର୍ଜେନ୍ସି'ରେ ସିନେ ପରଦାକୁ ଆସିଥିଲେ କଙ୍ଗନା। ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ନିଜେ ଦେଇଥିଲେ । ଏଥିରେ ସେ ଦିବଂଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ନିର୍ବାହ କରିଥିଲେ । ତେବେ ଦର୍ଶକଙ୍କୁ ଥିଏଟରକୁ ଟାଣିବାରେ ଫିଲ୍ମ ଫେଲ୍ ହୋଇଥିଲା । ଏହା ପରେ ଆର୍. ମାଧବନ ଷ୍ଟାରର୍ ଏକ ଦ୍ୱିଭାଷୀ ଫିଲ୍ମର ସୁଟିଂ ଶେଷ କଲେ କଙ୍ଗନା। କିନ୍ତୁ ଅଦ୍ୟାବଧି ଫିଲ୍ମର ରିଲିଜ୍ ତାରିଖ ଘୋଷଣା ହୋଇନାହିଁ ।

ବଲିଉଡ୍‌ରେ କଙ୍ଗନାଙ୍କ କମ୍‌ବ୍ୟାକ୍

ରିପୋର୍ଟ ଅନୁସାରେ, 'କୁଇନ୍-୨' ଓ 'ତନୁ ୱେଡ୍ସ ମନୁ-୩' ବି କଙ୍ଗନାଙ୍କ ସିନେ ଲିଷ୍ଟ୍ରେ ରହିଛି। କିନ୍ତୁ ଏ ନେଇ ଔପଚାରିକ ଘୋଷଣା ହୋଇନାହିଁ। ଖାସ୍ କଥା ହେଉଛି ଖୁବ୍ଶୀଘ୍ର ହଲିଉଡ୍ରେ ପାଦ ଥାପିବେ କଙ୍ଗନା। 'ବି ଦ ଇଭିଲ୍'ରେ ଟାଇଲର୍ ପୋଜି ଓ ସ୍କାର୍ଲେଟ୍ ରୋଜ୍ ଷ୍ଟାଲୋନଙ୍କ ସହ ସେ ସ୍କ୍ରିନ୍ ଶେୟାର କରିବେ ।

ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ଜଳ ଓ ପାଚେରି ବ୍ୟବସ୍ଥା



କନ୍ଧମାଳ,୭।୧(ସଂଚାର ବ୍ୟୁରୋ): ସରକାର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ନିମନ୍ତେ ପିଇବା ପାଣି ର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ପାଣି ଟାଙ୍କିର ବ୍ୟବସ୍ଥା କରୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ରେ ପାନୀୟଜଳ ଓ ପାଚେରୀ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ନାହିଁ ଏହି ଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ତଳ କଙ୍ଗେରିକିଆ ଗାଁରେ ଥିବା ଆମ ଅଙ୍ଗନବାଡ଼ି କେନ୍ଦ୍ର ରେ।

କିନ୍ତୁ ଏହି ଆମ ଅଙ୍ଗନବାଡ଼ି କେନ୍ଦ୍ର ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇନାହିଁ। କହିବାକୁ ଗଲେ ବିଭାଗୀୟ ଅଧିକାରୀ ମାନେ ଏହି ଅଙ୍ଗନବାଡ଼ି କେନ୍ଦ୍ର ର କୁନି କୁନି କୋମଳମତୀ ଶିଶୁ ମାନଙ୍କ ର ସ୍ୱାସ୍ଥ୍ୟ କୁ ନେଇ ଖେଳ ଖେଳୁଛନ୍ତି। ଦେଶର ଭବିଷ୍ୟତ ଙ୍କ ଜୀବନ ସହ ଏକ ପ୍ରକାର ଖେଳ ଚାଲିଥିବା ଅଭିଯୋଗ କରିଛନ୍ତି ଗ୍ରାମ ବାସୀ।

ଅଙ୍ଗନବାଡ଼ି କେନ୍ଦ୍ରରେ ରୋଷେଇ ପାଇଁ ବୂଆ ପାଣି ଉପରେ ନିର୍ଭର କରନ୍ତି। ଦିନେ ନୁହେଁ କି ମାସେ ନୁହେଁ ଅଙ୍ଗନବାଡ଼ି କେନ୍ଦ୍ର ଆରମ୍ଭ ରୁ ଏପର୍ଯ୍ୟନ୍ତ ଗୋଟିଏ ନଳକୂପ ଓ ପାଚେରୀ ବିଦ୍ୟୁତ ସଂଯୋଗ ମଧ୍ୟ ନିର୍ମାଣ ହେଇପାରି ନାହିଁ। ଯାହା ଫଳରେ ଅଙ୍ଗନବାଡ଼ି କେନ୍ଦ୍ର ଛାତ୍ର ଛାତ୍ରୀ ଙ୍କ ରୋଷେଇ ପାଇଁ ବୂଆ ପାଣି ଏକ ମାତ୍ର ସାହା ଭରଷା।

ଏଣୁ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ କୁ ଦୃଷ୍ଟିରେ ରଖି ଯଥା ଶୀଘ୍ର ତଳ କଙ୍ଗେରିକିଆ ଗାଁରେ ଆମ ଅଙ୍ଗନବାଡ଼ି କେନ୍ଦ୍ର ନିମନ୍ତେ ଏକ ନୂତନ ନଳକୂପ ନିର୍ମାଣ କରିବା ସଙ୍ଗେ ସଙ୍ଗେ ପାଣି ଟାଙ୍କିର ବ୍ୟବସ୍ଥା କରିବା ନିମନ୍ତେ ତଳ କଙ୍ଗେରିକିଆ ଗ୍ରାମର, କୁନି ପ୍ରଧାନ, ପ୍ରତିମା ପ୍ରଧାନ, ଯୋଶଦା କୁମାରୀ ପ୍ରଧାନ, ମିଶି ପ୍ରଧାନ, ସୁମିତ୍ରା ପ୍ରଧାନ, କୁମୁଦିନୀ ପ୍ରଧାନ, ବିଳାବତୀ ପ୍ରଧାନ, ରବି ଚନ୍ଦ୍ର ପ୍ରଧାନ, ସମେତ ସାମାଜ ସେବୀ ବିବେକାନନ୍ଦ ପ୍ରଧାନ ସମେତ ଅଞ୍ଚଳ ବାସୀ ଦାବି କରିଛନ୍ତି।

ଅନ୍ୟ ପଟେ ଏହି ତଳ କଙ୍ଗେରିକିଆ ଗ୍ରାମ ବାସୀ ଙ୍କ ପାଇଁ ବୁଆ ପାଣି ହିଁ ଭରଷା ବୋଲି ଅଭିଯୋଗ କରିଛନ୍ତି ଗ୍ରାମ ବାସୀ। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରୁ କେବେ ଉଠି ଏହି ସମସ୍ୟାର ସମାଧାନ କରୁଛନ୍ତି।

ଆଭାସି ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ବାଲିଆପାଳ,୭।୧(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ୧୧୮ ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଛି। ଆଭାସି ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡ଼ିଆ ସ୍ଥିତ କାଳିଆ ଖିଆ ଗ୍ରାମରେ ଥିବା ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହି ମାନ୍ୟତର ସୁଯୋଗ ପାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଭାସି କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନି ଜେନା, ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ବିଜେପି ନେତା ରବିନ୍ଦ୍ର ନାଥ ଅଞ୍ଚିଆ, ବେତଗଡ଼ିଆ ସରପଞ୍ଚ ସୁମିତ୍ରା ଗିରି, ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ସମାଜସେବୀ ସନ୍ତୋଷ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳା କାନ୍ତ ବିଶ୍ୱାଳ, ମାଧବୀ ନନ୍ଦ ଦାସ, ଗୁଣନିଧି ରାଉତ, ବୁଦ୍ଧଦେବ ପଢିହାରି, ଶ୍ରୀ କାନ୍ତ ପଢିହାରି, ଅରବିନ୍ଦ ପଢିହାରି, ଲକ୍ଷ୍ମୀ ପ୍ରିୟା ବିଶ୍ୱାଳ, ସିନିଗୋ ମାରାଣ୍ଡି, ପରିଚାଳନା କମିଟି ର ସଭାପତି ମନ୍ମଥ କୁମାର ପାଣି ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

ପ୍ରତିଯୋଗିତା ବୌଦ୍ଧିକ ଓ ଶାରୀରିକ ବିକାଶ ସହ ମନରେ ଦୃଢ଼ତା ଆଣେ



କୋରେଇ,୭।୧(ସଂଚାର ବ୍ୟୁରୋ): କୋରେଇ ବ୍ଲକ ତୁଳତୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନିର୍ଝରିଣୀ'ଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ ଅଜୟ କୁମାର ମହାନ୍ତି, ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ଧର ରାଉତ, ଏବିଇଓ ବିଜୟ କୁମାର ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି, ଅଶ୍ୱିନୀ ଦାସ, ଦୁର୍ଯ୍ୟୋଧନ ମଲ୍ଲିକ, ପୁରସ୍ତମ ମହାରଣା, ବିଜୟ କୁମାର ନାୟକ, ପ୍ରଧାନ ଶିକ୍ଷକ ନୃସିଂହ ନାରାୟଣ ମିଶ୍ର, ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଅଶ୍ୱିନୀ କୁମାର ମହାନ୍ତି, ରଙ୍ଗାଧର କାଣ୍ଡି, ସିଆରସିସି ସୁଶାନ୍ତ କୁମାର ଲେଙ୍କା ଓ ପ୍ରଭାକର ଜେନା ତଥା ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ଶାରୀରିକ ବିକାଶରେ ସହାୟକ ହେବା ସହ ମାନସିକ ଦୃଢ଼ତା ଆଣିବା ଓ ଅଧ୍ୟୟନରେ ଅନୁକୂଳ ପ୍ରଭାବ ପକାଇଥାଏ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ସହସ୍ରାଂଶୁ ଶେଖର ମହାନ୍ତି ଅତିଥି ପରିଚୟ ମଂଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଶାଖା ଉଦ୍‌ଘାଟିତ



ଧାମନଗର,୭।୧(ସଂଚାର ବ୍ୟୁରୋ): ଧାମନଗର ଏନ୍‌ଏସିଅନ୍ତର୍ଗତ ଜୟନଗର ବୁନୁପଡା ଛକ ନିକଟରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାରିପଦା ମଣ୍ଡଳ ଅଧୀନରେ ୩୭ତମ ଶାଖା ଉଦଘାଟିତ ହୋଇଯାଇଛି। ଦେଶର ପ୍ରମୁଖ ରାଷ୍ଟ୍ରାୟତ ବ୍ୟାଙ୍କ ମଧ୍ୟରେ ଅନ୍ୟତମ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏହି ଶାଖାକୁ ବାରିପଦା ଜୋନର ଆଞ୍ଚଳିକ ପ୍ରବନ୍ଧକ କମଲେଶ ରଞ୍ଜନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ (ଜୟନଗର) ଶାଖାର ଧାମନଗର ପରିଚାଳକ ସରୋପଦାସ ମହାପାତ୍ର, ଆଞ୍ଚଳିକ କାର୍ଯ୍ୟାଳୟ ବାରିପଦାର ଶାଖା ପ୍ରବନ୍ଧକ କିଶୋର କୁମାର ପଣ୍ଡା ଓ ବ୍ୟାଙ୍କର କର୍ମଚାରୀ ଚନ୍ଦ୍ରଶେଖର ଆଚାର୍ଯ୍ୟ, ସାତ୍ୟକି କବିରାଜ, କୋଷାଧକ୍ଷ ସୁଧାଂଶୁ ଶେଖର ପଣ୍ଡୁଆ ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଧାମନଗର ଭଳି ବହୁ ଜନଗହଳି ସହରାଞ୍ଚଳରେ ନୂତନ ଶାଖା ମାଧ୍ୟମରେ ସାଧାରଣ ଲୋକଙ୍କୁ ସଞ୍ଚୟ ଖାତା, ଗୃହ, ଶିକ୍ଷା, କୃଷି ଋଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସ୍ୱାବଲମ୍ବନ ହେବା ସହିତ ସହଜ ସୁଧ ହାରରେ ବିଭିନ୍ନ ଋଣ ସୁବିଧା ଯୋଗାଇ ଦିଆଯିବ ଏବଂ ଏହି ଶାଖା ମାଧ୍ୟମରେ ଡିଜିଟାଲ ବ୍ୟାଙ୍କିଙ୍ଗ, ଏଟିଏମ୍, ଅନ୍‌ଲାଇନ ଟ୍ରାଞ୍ଜାକ୍ସନ, ମୋବାଇଲ ବ୍ୟାଙ୍କିଙ୍ଗ ଭଳି ଆଧୁନିକ ସୁବିଧା ଗ୍ରାହକଙ୍କୁ ମିଳିବ ବୋଲି ଶାଖା ପ୍ରବନ୍ଧକ ଦାସ ମହାପାତ୍ର ସୂଚନ ପ୍ରକାଶ କରିଛନ୍ତି।

କ୍ରୀଡ଼ା ପିଲାଙ୍କୁ ଦେଶ ବିଦେଶରେ ପରିଚିତ କରାଏ

ବାଲିଆପାଳ,୭।୧(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ସ୍ଥିତ ଆଶ୍ରମ ବିଦ୍ୟାଳୟରେ ଦୁଇ ଦିନିଆ ବାର୍ଷିକ କ୍ରିଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ସଂପ୍ରସାରଣ ଅଧିକାରୀ ଉଦିତ ନାରାୟଣ ଜେନା ଯୋଗଦେଇ ମସାଲ ଜଳାଇ ଖେଳକୁ ଉଦଘାଟନ କରିବା ସହିତ କ୍ରୀଡା ଦ୍ୱାରା ସୁନ୍ଦର, ସୁସ୍ଥ ସ୍ୱାସ୍ଥ୍ୟ, ଶାରୀରିକ ମାନସିକ କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରି ଛାତ୍ର ଛାତ୍ରୀଙ୍କୁ ଦେଶ ବିଦେଶରେ ପରିଚିତ କରାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀ ମୋହନ ଜେନା ଏବଂ ହିନ୍ଦୀ ଶିକ୍ଷକ ଅନନ୍ତ କୁମାର ରାଉଳ ଯୋଗଦେଇଥିଲେ।ଏହି ଖେଳରେ ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ପାଞ୍ଚଟି ବିଭାଗରେ ହେବାକୁ ଥିବା ଖେଳର ପ୍ରଥମ ଦିବସରେ ଦୌଡ, ଲମ୍ବ ଡିଆଁ, ସ୍କିପିଙ୍ଗ, ସର୍ଟ୍ ଫୁଟ, ଉଚ୍ଚ ଡିଆଁ, ମ୍ୟୁଜିକ ଚେୟାର, ଜିଲାପି, ବାଇଗଣ, ଗଣିତ ଦୌଡ, ଫୁଟ ବଲ, କବାଡି ଇତ୍ୟାଦି ଖେଳ କରାଯାଇଛି। ଖେଳ ଶିକ୍ଷକ ରଞ୍ଜନ କୁମାର ସାହୁ, ଦେବାଶିଷ ଜେନା ଖେଳ ପରିଚାଳକ ଭାବେ କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ବର, ସଂଯୁକ୍ତା ପାଣିଗ୍ରାହୀ, ଉର୍ମିଳା ରାଉଳ, ୱଡେନ ସୁରଭି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ସରକାର କା ମାଲ୍ ଦରିଆ ମେ ଡାଲ୍

ଷ୍ଟିକର ଉଠିଗଲାଣି: ଲାଗିପାରିଲାନି ଗେଟ୍



ପୂର୍ତ୍ତ ବିଭାଗର ଅପାରଗତା ନା କର୍ମଚାରୀଙ୍କ ଦୁର୍ବଳତା ?

ନୟାଗଡ଼,୭।୧(ସଂଚାର ବ୍ୟୁରୋ): କଥାରେ ଅଛି, ସରକାରୀ କା ମାଲ୍ ଦରିଆ ମେ ଡାଲ୍। ହଁ ଆଜ୍ଞା, ସଧାରଣ ନିର୍ବାଚନ ପୂର୍ବରୁ ନୟାଗଡ଼ ପୁରୁଣା ବସଷ୍ଟାଣ୍ଡ ରୂପାନ୍ତରିତ କରାଯାଇ ଗୋଲେଇ ଛକ ଭାବେ ନୂତନ ପରିଚୟ ଦେଇଛି। ଏହାରି ଭିତରେ ନୂଆ ସରକାର ଗଢା ହେଲାଣି କିନ୍ତୁ ଗୋଲେଇ ଛକ କିମ୍ବା ଟ୍ରାଫିକ ଛକର ନୟାଗଡ଼-ଖଣ୍ଡପଡା ରାସ୍ତା ଓ ନୟାଗଡ଼-ଓଡ଼ଗାଁ ରାସ୍ତାରେ ବିଭିନ୍ନ ଗନ୍ତବ୍ୟ ସ୍ଥଳ ଲଗାଇବା ପାଇଁ ଦୁଇଟି ଗେଟ୍ କରଯାଇଥିଲା। ଗେଟ୍ ଦୁଇଟି ପୂର୍ତ୍ତ ବିଭାଗ ପୂର୍ବରୁ ଖୋଲି ଦେଇଥିଲା କିନ୍ତୁ ବର୍ଷେ ତଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗର ନିଦ ଭାଙ୍ଗିଥିଲା। ପରବର୍ତ୍ତୀ ସମୟରେ ଗେଟ୍ ଟି ପୁନଃ ଲଗାଇବା ପାଇଁ ପକ୍ରୀୟା ଆରମ୍ଭ ହେଲା କିନ୍ତୁ ମାସ ପରେ ମାସ ଗଡ଼ି ଚାଲିଛି ଏବଂ ନୂଆ ବର୍ଷରେ ପାଦ ଥାପିଲେଣି କିନ୍ତୁ ଦୁଇଟି ଗେଟ୍ ଲଗାଇବା ପାଇଁ ପୂର୍ତ୍ତ ବିଭାଗ ସତେ ଯେମିତି ଭୁଲି ଯାଇଥିବା ମନେ ହେଉଛି। ଗେଟ୍ ଲଗାଇବା ପାଇଁ ସରକାରୀ ଅର୍ଥ ଖର୍ଚ୍ଚ କରାଗଲା ଏବଂ ଗେଟ୍ ରେ ନୂତନ ଷ୍ଟିକରିଂ କରାଗଲା। ଲଗାଯାଇଥିବା ଷ୍ଟିକର ବର୍ତ୍ତମାନ ଉଠି ଗଲାଣି ତଥା ନଷ୍ଟ ହେଇ ଗଲାଣି କିନ୍ତୁ ପୂର୍ତ୍ତ ବିଭାଗ ଗେଟ୍ ଲଗାଇବାର ମନଜ୍ଞାନ ଦେଉନଥିବା ଏକ ପ୍ରକାରର ସ୍ପଷ୍ଟ ବାରିହେଉଛି। ତେବେ ଟ୍ରାଫିକ ଛକ ଠାରେ ଗେଟ୍ ନଲଗାଇବା ପୂର୍ତ୍ତ ବିଭାଗର ଅପାରଗତା ନା କର୍ମଚାରୀଙ୍କ ଦୁର୍ବଳତା ରହିଛି ତାହା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଅଧକ୍ଷ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ବୁଦ୍ଧିଜିବୀ ମହଲରେ ଦାବି କରାଯାଇଛି।

ଗ୍ରାମ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ

ମ.ରାମପୁର,୭।୧(ସଂଚାର ବ୍ୟୁରୋ): କଳାହାଣ୍ଡି ଉତ୍ସବ ଘୁମୁରା ର ମ, ରାମପୁର ଗ୍ରାମ ପଞ୍ଚାୟତ ସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମ, ରାମପୁର ସରପଞ୍ଚ ବୀଣାପାଣି ସାହୁ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପ୍ରଥମେ ସକାଳୁ ଡୋ କରି ମନ୍ଦିର ରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଉତ୍ସବ ସ୍ଥଳୀ ବିଜୁ କଲ୍ୟାଣ ମଣ୍ଡପ କୁ ଆସିଥିଲା। ମଶାଲ ଶୋଭାଯାତ୍ରା ପରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବ ରେ ସରପଞ୍ଚ ଶ୍ରୀମତୀ ସାହୁ ଙ୍କ ଅଧକ୍ଷତା ରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି, ସମିତି ସଭ୍ୟା ପ୍ରତିମା ମାଝୀ, ନାଏବ ସରପଞ୍ଚ ପ୍ରଶାନ୍ତ ମହାରଣା, ପି ଇ ଓ ହେମାନନ୍ଦ ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସାମ୍ବାଦିକ ହେମନ୍ତ ସାହୁ ସଭା ପରିଚାଳନା କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟ ଓ ସର୍ବ ସାଧାରଣ ସ୍ତରୀୟ ପ୍ରତିଯୋଗିତା ଗୁଡ଼ିକ ଅନୁଷ୍ଠିତ ହୋଇ ଥିଲା। ପରେ ସନ୍ଧ୍ୟା ରେ ଆୟୋଜିତ ଉଦଯାପନୀ ସଭା ରେ ଶ୍ରୀମତୀ ସାହୁ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ୍ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟ ବକ୍ତା ଅଧ୍ୟାପକ ସୁବୋଧ କୁମାର ଶତପଥୀ, ସମ୍ମାନୀତ ଅତିଥି ସମାଜ ସେବୀ ବିକାଶ ରଂଜନ ସିଂହ ଦେଇ ଉପସ୍ଥିତ ରହି ଥିଲେ। ଉଦଯାପନୀ ଉତ୍ସବରେ ଅରୁଣ ହାତୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସର ରେ ଜାତୀୟ ପିଷ୍ଟଲ୍ ଚାଳନା ବିଦୁସ୍ମିତା ସାହୁ, ଡାକ୍ତର ସୁଦର୍ଶନ ସା, କଳାକାର ପ୍ରଶାନ୍ତ ମହାରଣା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ପରେ କନ୍ଧମାଳ କଳା ବିକାଶ କେନ୍ଦ୍ର ର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସାମ୍ବାଦିକ ପ୍ରଶାନ୍ତ ସାମନ୍ତରା, ଉଦ୍ଧବ ପଣ୍ଡା, ସମାଜସେବୀ ସତ୍ୟ ନାରାୟଣ ସାହୁ, ସଂଯୁକ୍ତା ପୁରୋହିତ, ଆଲୋକ ବେହେରା ଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ସହଯୋଗ କରିଥିଲେ।

ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି



କୋରାପୁଟ,୭।୧(ସଂଚାର ବ୍ୟୁରୋ): କୋରାପୁଟସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ବୁଧବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଉତ୍ସବ ପାଳନ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଚଳିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ କୋରାପୁଟ କଫ, କଳାଜିରା, ମାଣ୍ଡିଆ ଓ କୋଟପାଡ଼ର ମିରିଗାନ ଶାଢ଼ୀ ନେଇ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଏକ ଫୋଟୋ ପ୍ରଦର୍ଶନୀ ମୁଖ୍ୟ ଆକର୍ଷଣ ହେବ ବୋଲି ଏହି ପ୍ରସ୍ତୁତି ବୈଠକରେ ନିଷ୍ପତି ହୋଇଛି । ଆସନ୍ତା ୨୫ ତାରିଖ ଦିନ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକ ଆଲୋକମାଳାରେ ସୁସଜିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ, ତେଣୁ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିବାକୁ ଜିଲାପାଳ ଏହି ବୈଠକରେ ପରାମର୍ଶ ଦେଇଥିଲେ ।

ବୈଶିଙ୍ଗା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା

ବୈଶିଙ୍ଗା,୭।୧(ସଂଚାର ବ୍ୟୁରୋ): ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ବୈଶିଙ୍ଗା ମହୋତ୍ସବର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସଦର ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଯୋଗ ଦେଇ ଉଦଯାପନୀ ସନ୍ଧ୍ୟା କୁ ଉଦଘାଟନ କରିବା ସହିତ ମୟୂରଭଞ୍ଜ ମାଟିର ମହକ, ଏହାର



ଜଳା ସଂସ୍କୃତି, ଚାଲି ଚଳନ ସମ୍ପର୍କରେ ବିଷଦ ଭାବେ ଆଲୋକପାତ କରିଥିଲେ।

ସଙ୍ଗୀତ ମାଧ୍ୟମରେ ଶ୍ରୀଯୁକ୍ତ ପରିଡା ହଜାର ହଜାର ଦର୍ଶକଙ୍କ ମନ ମୋହି ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସ ନିଜ ବକ୍ତବ୍ୟ ରେ ମହୋତ୍ସବ ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ତା ସହିତ ଉଦ୍ୟକ୍ତା ମାନଙ୍କ ମନରେ ଉତ୍ସାହ ଆଣି ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମହୋତ୍ସବ ସଂଯୋଜକ ଦୀପକ କୁମାର ପ୍ରଧାନ ନିଜର ସୁଲଭ ସୌରଭ ଢଙ୍ଗରେ ସମସ୍ତଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ।

କମିଟୀର ପୂର୍ବତନ ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ନିଜ ବକ୍ତବ୍ୟରେ ମହୋତ୍ସବ କମିଟୀ ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ମୁଖ୍ୟ ଅତିଥି ଡଃ ଦୟାସିନ୍ଧୁ ପରିଡା କୁ ଅଶେଷ ଅଶେଷ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ସାଉଣ୍ଡ, ଲାଇଟ୍, ଏଲ ଇ ଡି ଏବଂ ଟେଣ୍ଟ ରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିତ୍ୱ ଙ